# ମୋହ ମୁଦ୍‌ଗର

ଶଙ୍କରାଚାର୍ଯ୍ୟ ବିରଚିତ

ହରିକୃଷ୍ଣ ତ୍ରିପାଠୀ

# ମୋହ ମୁଦ୍‌ଗର

ଶଙ୍କରାଚାର୍ଯ୍ୟ ବିରଚିତ

ଅନୁବାଦ ଓ ବ୍ୟାଖ୍ୟା :

ହରିକୃଷ୍ଣ ତ୍ରିପାଠୀ

ମୋହ ମୁଦ୍‌ଗର
ଶଙ୍କରାଚାର୍ଯ୍ୟ ବିରଚିତ
ଅନୁବାଦ ଓ ବ୍ୟାଖ୍ୟା : ହରିକୃଷ୍ଣ ତ୍ରିପାଠୀ
ପ୍ରଥମ ପ୍ରକାଶ : ୧୯୯୭
ପ୍ରକାଶକ : ହରିକୃଷ୍ଣ ତ୍ରିପାଠୀ, ଗ୍ରା/ପୋ : କୃପାସିନ୍ଧୁପୁର-୭୬୧୦୦୧
ମୁଦ୍ରଣ : ସନ୍ତୋଷ ପ୍ରିଣ୍ଟର୍ସ, ପୁରୁଣା ବ୍ରହ୍ମପୁର ପଦର ସାହି, ବ୍ରହ୍ମପୁର-୯
ଦୂରଭାଷ-୨୦୮୧୭୭
ମୂଲ୍ୟ ଟ ୧୨-୦୦

* * *

**MOHAMUDGAR**
( Sankaracharya )
Translation and Commentary : Harikrushna Tripathy
First Edition : 1997
Publisher : Harikrushna Tripathy, At/P.O Krupasindhupur
Printed at : Santosh Printers, Old Berhampur Street, Berhampur-9
Ph. 208177
Price Rs. 12-00

# ଆଭାସ

ଶ୍ରୀ ଶଙ୍କରାଚାର୍ଯ୍ୟ ପ୍ରଣୀତ 'ମୋହ ମୁଦ୍‌ଗର' ସର୍ବଜନ ଆଦୃତ । ଏହା ଜ୍ଞାନ, ଭକ୍ତି, ବୈରାଗ୍ୟ ଓ ସାଧନ ସମ୍ମିଳିତ ହୃଦୟସ୍ପର୍ଶୀ ସଙ୍ଗୀତ । ଏହାର ପାଠ ଓ ଭଜନ ସମସ୍ତଙ୍କ ମନରେ ଆନନ୍ଦ ଦିଏ । ନିତ୍ୟପାଠ ଏବଂ ସ୍ତୋତ୍ର ଭଜନ ରୂପେ ଗ୍ରହଣୀୟ । ଏହା ଅଦ୍ୱୈତ ବେଦାନ୍ତର ପ୍ରକରଣ ଗ୍ରନ୍ଥମାନଙ୍କ ମଧ୍ୟରେ ଅନ୍ୟତମ ।

ପ୍ରଥମ ବା ଉପୋଦ୍‌ଘାତ ଶ୍ଲୋକକୁ ମିଶାଇ 'ମୋହ ମୁଦ୍‌ଗର' ବା 'ଭଜଗୋବିନ୍ଦମ୍‌'ର ବିଭିନ୍ନ ପ୍ରକାଶନରେ ଏକତିରିଶି ଗୋଟି ଶ୍ଲୋକ ଦେଖିବାକୁ ମିଳେ । ଏହି ପଦ୍ୟଟିର ପ୍ରଥମ ଶ୍ଲୋକଟି ପ୍ରତ୍ୟେକ ଶ୍ଲୋକର ଅନ୍ତରେ ଘୋଷା ଆକାରରେ ଗାନ କରାଯାଇପାରେ । ଦ୍ୱିତୀୟ ଶ୍ଲୋକଠାରୁ ବାର ଗୋଟି ଶ୍ଲୋକକୁ 'ଦ୍ୱାଦଶ ମଞ୍ଜରିକା ସ୍ତୋତ୍ର' କୁହାଯାଏ । ଏହି ବାରଗୋଟି ଶ୍ଲୋକ ଶଙ୍କର ନିଜେ ରଚନା କରିଥିବା କଥିତ । ପରବର୍ତ୍ତୀ ଚଉଦ ଗୋଟି ଶ୍ଲୋକ ଶଙ୍କରଙ୍କର ଚଉଦ ଜଣ ଶିଷ୍ୟ ପ୍ରତ୍ୟେକେ ଗୋଟିଏ ଗୋଟିଏ କରି ରଚନା କରିଥିବା କୁହାଯାଏ । ଏହା 'ଚତୁର୍ଦ୍ଦଶ ମଞ୍ଜରିକା ସ୍ତୋତ୍ର' ନାମରେ ପରିଚିତ । ଶେଷ ଚାରିଗୋଟି ଶ୍ଲୋକ ଆଚାର୍ଯ୍ୟଶଙ୍କର ତାହାଙ୍କର ଶିଷ୍ୟମାନଙ୍କୁ ଆଶୀର୍ବାଦ ପ୍ରଦାନ କରି ରଚିତ ହୋଇଥିବା କହନ୍ତି । ସ୍ତୋତ୍ର-ରତ୍ନାବଳୀ ଏବଂ ଶଙ୍କରାଚାର୍ଯ୍ୟ-ଗ୍ରନ୍ଥାବଳୀରେ 'ଚର୍ପଟ ପଞ୍ଜରିକା ସ୍ତୋତ୍ର' ରୂପେ ସତର ଗୋଟି ଶ୍ଲୋକ ଏବଂ 'ଦ୍ୱାଦଶ ପଞ୍ଜରିକା ସ୍ତୋତ୍ର' ରୂପେ ତେରଗୋଟି ଶ୍ଲୋକ ଦେଖିବାକୁ ପାଉ ।

ମୋହ ମୁଦ୍‌ଗରର ବିଭିନ୍ନ ପ୍ରକାଶନରେ ଶ୍ଲୋକଗୁଡ଼ିକର ପଦ ଓ ପାଦରେ ମଧ୍ୟ ବିଭିନ୍ନତା ଦେଖାଯାଏ । କେତେକ ସ୍ଥଳରେ ଶ୍ଲୋକଗୁଡ଼ିକର ଗୋଟିଏ ପାଦ ବା ଶେଷ ଦୁଇ ପାଦର ପୂର୍ଣ୍ଣ ବା ଆଂଶିକ ପରିବର୍ତ୍ତନ ଦେଖାଯାଏ । ଆହୁରି ମଧ୍ୟ ବିଭିନ୍ନ ପ୍ରକାଶନରେ ଶବ୍ଦଗୁଡ଼ିକର ବିଭିନ୍ନତା ପରିଲକ୍ଷିତ ହୁଏ । ବୋଧହୁଏ ବିଭିନ୍ନ ପାଠକମାନଙ୍କ ଦ୍ୱାରା ଆଗ୍ରହ ପୂର୍ବକ ଦୀର୍ଘ ଦିନଧରି ପାଠହୋଇ ଆସୁଥିବା ଫଳରେ ବିଭିନ୍ନ

ଚନ୍ଦ୍ରାଧାରାରୁ ଏପରି ପରିବର୍ତ୍ତନ ଦେଖାଯାଏ । ଗୀତାପ୍ରେସ୍ (ଗୋରଖପୁର) ଦ୍ୱାରା ପ୍ରକାଶିତ 'ମୋହ ମୁଦ୍‌ଗର'ରେ ପ୍ରଥମ ଶ୍ଳୋକକୁ ମିଶାଇ ବତିଶ ଗୋଟି ଶ୍ଳୋକ ଦେଖିବାକୁ ମିଳେ । ଗୀତାପ୍ରେସ୍ ଦ୍ୱାରା ସଂଗୃହୀତ ସେହି ବତିଶ ଗୋଟି ଶ୍ଳୋକର କ୍ରମ ଏବଂ ରୂପ ଅପରିବର୍ତ୍ତିତ ରଖି ଏହି ପୁସ୍ତକର ପ୍ରକାଶନ । ପ୍ରତ୍ୟେକ ଶ୍ଳୋକ ଶେଷରେ 'ଭଜଗୋବିନ୍ଦଂ ଭଜଗୋବିନ୍ଦଂ ଗୋବିନ୍ଦଂ ଭଜ ମୂଢମତେ' ଘୋଷା ରୂପେ ପାଠ କରାଯାଇପାରେ ।

ମୁଦ୍‌ଗର (ଗଦା) ଦ୍ୱାରା ଯେପରି କୌଣସି ବସ୍ତୁକୁ ଚୂର୍ଣ୍ଣ କରାଯାଇପାରେ, ସେହିପରି ସାଂସାରିକ ମୋହ, ଭ୍ରାନ୍ତି, ଅଜ୍ଞାନତାକୁ ନଷ୍ଟକରିବାପାଇଁ ଏହା ଭଳି ମୁଦ୍‌ଗର ସ୍ୱରୂପ । ଅଜ୍ଞାନ (ଅବିଦ୍ୟା) କାରଣରୁ ଜୀବ ମୋହଗ୍ରସ୍ତ ହୁଏ । ଅନିତ୍ୟ ସଂସାରର ମୋହରେ ପଡ଼ି ନିଜର ସ୍ୱରୂପ ଚିହ୍ନିପାରେ ନାହିଁ । ସୁଖ ଇଚ୍ଛାରେ ଘାଣ୍ଟି ହୋଇ ମନର ସ୍ଥିରତା ରହେନାହିଁ । କିନ୍ତୁ ସମସ୍ତ ସାଂସାରିକ ସୁଖ ପାଇ ସମସ୍ତ ଜୀବନ ହତାଶରେ ଅତିବାହିତ ହୁଏ । ଆମେ ହେଉଛେ ସେହି ପରମାତ୍ମାଙ୍କ ଅଂଶ, ଯାହାଙ୍କ ସ୍ୱରୂପ ଆନନ୍ଦ । ମୋହ ଦୂର ହେଲେ କେବଳ ଆମେ ସେହି ନୈସର୍ଗିକ ଆନନ୍ଦ ପାଇପାରିବା । ଜାଗତିକ ସୁଖ ପ୍ରତି ବୈରାଗ୍ୟଭାବ ଜାତ ନହେଲେ ଏହା ସମ୍ଭବ ନୁହେଁ । ମୋହ ମୁଦ୍‌ଗର ପାଠ ଏବଂ ମନନ ଦ୍ୱାରା ଚିରନ୍ତନ ସତ୍ୟର ଉପଲବ୍‌ଧି ହୋଇ ନିଜର ସ୍ୱରୂପ ଚିହ୍ନି ହୁଏ ।

ଆଚାର୍ଯ୍ୟ ଶଙ୍କର ବେଦାନ୍ତର ଅଦ୍ୱୈତବାଦର ପ୍ରବର୍ତ୍ତକ । ବ୍ରହ୍ମସତ୍ୟ, ଜଗତ୍ ମିଥ୍ୟା ଏବଂ ଜୀବ, ବ୍ରହ୍ମଭିନ୍ନ ଅନ୍ୟକିଛି ନୁହେଁ—ଜ୍ଞାନର ପ୍ରବର୍ତ୍ତକ । ସମସ୍ତ ବସ୍ତୁରେ ବିଷ୍ଣୁତ୍ୱର ଉପଲବ୍‌ଧି କରାଇବା ଲକ୍ଷ୍ୟ । ଏଥିପାଇଁ ସନ୍ନ୍ୟାସୀ ହେବା ଆବଶ୍ୟକ ନୁହେଁ । ସଂସାରୀ ହୋଇ ମଧ୍ୟ ସାଧନା କରାଯାଇପାରେ । ତେଣୁ ସେ ନିଜେ ସନ୍ନ୍ୟାସୀ ହୋଇ ମଧ୍ୟ ଭଣ୍ଡ ସନ୍ନ୍ୟାସୀମାନଙ୍କୁ ଭର୍ତ୍ସନା କରିଛନ୍ତି । ସଙ୍ଗରତ ବା ସଙ୍ଗବିହୀନ ଯେକୌଣସି ଅବସ୍ଥାରେ ମଧ୍ୟ ବ୍ରହ୍ମଚିନ୍ତାରେ ମଗ୍ନରହି ଆନନ୍ଦ ଉପଲବ୍‌ଧି କରାଯାଇପାରେ । ଜୀବନର ଅନିତ୍ୟତା, କାମିନୀ-କାଞ୍ଚନର ମୋହତ୍ୟାଗ, ଗର୍ବ ଏବଂ ଅହଂକାର ତ୍ୟାଗ, କାଳର କ୍ଷିପ୍ରଗତି, କାମ, କ୍ରୋଧ, ଲୋଭ, ମୋହ ତ୍ୟାଗ ପୂର୍ବକ ଆତ୍ମଚିନ୍ତନ କରିବା ଏବଂ ନିତ୍ୟ ଗୀତା ଓ ବିଷ୍ଣୁ ସହସ୍ରନାମ ପାଠକରିବା ଇତ୍ୟାଦିର ଉଦ୍‌ବୋଧନ 'ମୋହ ମୁଦ୍‌ଗର'ର ପରିଚ୍ଛେଦଗୁଡ଼ିକରେ ଦେଖିବାକୁ ମିଳେ ।

ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ବେଦାନ୍ତର ସମସ୍ତ ମୌଳିକ ବିଷୟକୁ ଏଥିରେ ସରଳ ସୁନ୍ଦର ସଙ୍ଗୀତ ମାଧ୍ୟମରେ ଦିଆଯାଇଅଛି । ଶିଷ୍ୟମାନଙ୍କୁ ଉପଦେଶ

ମୂଳକ ଶିକ୍ଷାଦେବା ପ୍ରଣାଳୀରେ ସରଳ ବୋଧଗମ୍ୟ ଭାଷାରେ ରଚିତ । ଏହା ପ୍ରତ୍ୟେକ ବୟସର ଲୋକମାନଙ୍କୁ ଆକୃଷ୍ଟ କରେ । ଏହି ମନୁଷ୍ୟ ଜୀବନ-ବ୍ୟାଖ୍ୟା! ପୂର୍ଣ୍ଣ ଗ୍ରନ୍ଥଟି ଜିଜ୍ଞାସୁମାନଙ୍କୁ ଭଗବତ୍ ପ୍ରେମ ଜାଗ୍ରତ କରାଇବାରେ ଯଥେଷ୍ଟ ସାହାଯ୍ୟ କରେ ।

ଏହି ପୁସ୍ତକରେ ଶଙ୍କରାଚାର୍ଯ୍ୟକୃତ ମୋହମୁଦ୍‌ଗର ପ୍ରତ୍ୟେକ ଶ୍ଳୋକର ଅନୁବାଦ ଏବଂ ନିମ୍ନରେ ସାମାନ୍ୟ ବ୍ୟାଖ୍ୟା ଦିଆଯାଇଅଛି । ଏଥିରେ ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଅନ୍ୟ କେତେକ ଶାସ୍ତ୍ର ବ୍ୟତୀତ ଚିନ୍ମୟ ଟ୍ରଷ୍ଟ ଦ୍ୱାରା ଇଂରାଜୀରେ ପ୍ରକାଶିତ 'ଭଜ-ଗୋବିନ୍ଦମ୍'ର ସାହାଯ୍ୟ ନିଆଯାଇଅଛି । ତେଣୁ ମୁଁ ସେମାନଙ୍କଠାରେ ଋଣୀ । ପାଠକମାନେ କେବଳ ଅନୁବାଦ ପାଠକରି ଶ୍ଳୋକଗୁଡ଼ିକ ସହଜରେ ବୁଝିବା ଲକ୍ଷ୍ୟରେ ଭାବାନୁବାଦ କରାନଯାଇ ଅର୍ଥାନୁବାଦ କରିବା ଚେଷ୍ଟା କରାଯାଇଅଛି । ମୂଳ ଶ୍ଳୋକଗୁଡ଼ିକର ଭାଷା ସରଳ ଏବଂ ବୋଧଗମ୍ୟ । ତେଣୁ ମୂଳଶ୍ଳୋକଗୁଡ଼ିକ ଗାନକରି ଭାବ ହୃଦୟଙ୍ଗମ କରିବାପାଇଁ ପାଠକମାନଙ୍କୁ ଅନୁରୋଧ ।

**ହରିକୃଷ୍ଣ ତ୍ରିପାଠୀ**

# ମୋହ ମୁଦ୍‌ଗର

ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ
ଭଜ ଗୋବିନ୍ଦଂ ମୂଢ଼ମତେ ।
ସଂପ୍ରାପ୍ତେ ସଂନିହିତେ ମରଣେ
ନହି ନହି ରକ୍ଷତି ଡୁକୃଞ୍‌ କରଣେ ।୧।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଗୋବିନ୍ଦଂ ଭଜ ମୂଢ଼ମତେ (ଘୋଷା)

ହେ ନିର୍ବୋଧ, ନିରନ୍ତର ଗୋବିନ୍ଦଙ୍କ ଭଜନ କର । ମୃତ୍ୟୁ ନିକଟ ହୋଇ ଆସିଲେ 'ଡୁକୃଞ୍‌ କରଣେ' ରକ୍ଷା କରିପାରିବ ନାହିଁ ।

'ମୋହ ମୁଦ୍‌ଗର'ର ଅଧ୍ୟମାରମ୍ଭ ବିଷୟରେ ଗୋଟିଏ ସୁନ୍ଦର ଗଳ୍ପ ଶୁଣିବାକୁ ମିଳେ । ଥରେ ବନାରସ ପରିଭ୍ରମଣ ସମୟରେ ଶଙ୍କରାଚାର୍ଯ୍ୟ ତାହାଙ୍କର ମୁଖ୍ୟ ଚଉଦଜଣ ଶିଷ୍ୟଙ୍କ ସହିତ ଯାଉଥିବାବେଳେ ଜଣେ ବୃଦ୍ଧ ବ୍ରାହ୍ମଣ ପାଣିନୀଙ୍କର 'ଡୁକୃଞ୍‌ କରଣେ' ସୂତ୍ରଟି ଘୋଷୁଥିବା (ବାରମ୍ବାର ବୋଲୁଥିବା) ଶୁଣିବାକୁ ପାଇଲେ । ମରଣ ସମୟ ଉପସ୍ଥିତ ହେଲେ ମଧ୍ୟ ଶବ୍ଦାର୍ଥର ଲାଳସାରେ ବ୍ୟାକରଣର ନିୟମଗୁଡ଼ିକ ଆବୃତ୍ତି କରିବାର ଆଗ୍ରହ ଦେଖି ସ୍ୱତଃ ଆଚାର୍ଯ୍ୟଙ୍କ ଚିନ୍ତାଧାରାରୁ ଏହି ପ୍ରଥମ ଶ୍ଳୋକ ସହ ମୋହମୁଦ୍‌ଗରର ରଚନା । ହେ ନିର୍ବୋଧ ! ତୁମେ ଯେଉଁ ବ୍ୟାକରଣ ଅଭ୍ୟାସ କରୁଅଛ, ମୃତ୍ୟୁର ଦ୍ୱାରଦେଶ ଉପସ୍ଥିତ ହେଲାବେଳେ ସେ ସବୁ ତୁମକୁ ମୃତ୍ୟୁ ମୁଖରୁ ରକ୍ଷା କରିପାରିବ ନାହିଁ । ଅନ୍ତଃକରଣର ପବିତ୍ରତା ପୂର୍ବକ ଏକ ମାତ୍ର ଗୋବିନ୍ଦଙ୍କ ଭଜନ ତ୍ରାଣ କରିପାରିବ ।

ସଂସ୍କୃତ ବ୍ୟାକରଣରେ 'ଡୁକୃଞ୍‌' ଏକ ଧାତୁ (କ୍ରିୟାପଦ) ଅଟେ । ଏହାର ଅର୍ଥ 'କରିବା' । ଡୁକୃଞ୍‌ କରଣେ—ସିଦ୍ଧାନ୍ତ କୌମୁଦୀରେ ପାଣିନୀଙ୍କ ଏକ ବ୍ୟାକରଣ ସୂତ୍ର । ଏଠାରେ ଶଙ୍କରାଚାର୍ଯ୍ୟ ଯେଉଁ ପାଣିନୀ ବ୍ୟାକରଣ ସୂତ୍ରର ଉପସ୍ଥାପନା କରୁଅଛନ୍ତି ସେଥିରୁ ସମସ୍ତ ଲୌକିକ ଶାସ୍ତ୍ରର ଅଭ୍ୟାସ ଏବଂ ଅଧ୍ୟୟନ ଉପଲକ୍ଷିତ ହେଉଅଛି । ଏହିପରି ଶାସ୍ତ୍ରର ଅଭ୍ୟାସ ଯେ ଅନାବଶ୍ୟକ ଏବଂ ଅନୁଚିତ ତାହା

ନୁହେଁ । କିନ୍ତୁ ଏହାକୁ ମୁଖ୍ୟକରି ଭଗବତ୍ ଚିନ୍ତନକୁ ଯଦି ଜୀବନରେ ସ୍ଥାନ ଦିଆ ନଯାଏ ତେବେ ଅମୂଲ୍ୟ ମନୁଷ୍ୟ ଜୀବନ ବ୍ୟର୍ଥ ହୋଇଯାଏ । ଦୁର୍ଲ୍ଲଭ ମାନବ ଜୀବନ ପାଇ ଯଦି ସତ୍, ଚିତ୍ ଏବଂ ଆନନ୍ଦ ସ୍ୱରୂପ ନିଜର ଆତ୍ମାକୁ ଚିହ୍ନି ନ ପାରିଲେ ତେବେ ମନୁଷ୍ୟ ଜୀବନର ମୂଲ୍ୟ ରହେନାହିଁ ।

ବିଦ୍ୟା ଏବଂ ଶାସ୍ତ୍ରର ଅନ୍ତନାହିଁ । ଆମର ଜୀବନ ସମୟ ଅଲ୍ପ ଏବଂ ଆମେ ବହୁବାଧାବିଘ୍ନ ଦେଇ ଗତିକରୁ । ଯଦି ଜୀବନର ସମସ୍ତ ସମୟ ବିଭିନ୍ନ ଲୌକିକ କାର୍ଯ୍ୟର ଆଗ୍ରହରେ ବିତିଯାଏ ତେବେ ପରମାତ୍ମାଙ୍କ ଚିନ୍ତନ ଏବଂ ନିଜ ସ୍ୱରୂପ ଚିନ୍ତାର ସୁଯୋଗ କେତେବେଳେ ପାଇବା ? ଶାସ୍ତ୍ର ବୋଧପାଇଁ ବ୍ୟାକରଣ ଏବଂ ଅନ୍ୟାନ୍ୟ ଜ୍ଞାନର ଆବଶ୍ୟକତା ରହିଛି । କିନ୍ତୁ ହଂସ ଯେପରି ପାଣିମିଶା କ୍ଷୀରରୁ କ୍ଷୀର ଗ୍ରହଣ କରି ପାଣି ଅଂଶ ତ୍ୟାଗ କରିବା କୁହାଯାଏ, ସେହିପରି ଯାହା ସାର ତାହା ଗ୍ରହଣ କରିବା ଉଚିତ । ସମସ୍ତ ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମବିଦ୍ୟା (ଆତ୍ମଜ୍ଞାନ) ଶ୍ରେଷ୍ଠ; ଏହା ଭଗବାନ୍ ଗୀତାରେ ସ୍ୱୀକାର କରି ଅଛନ୍ତି । କେବଲ ପୁସ୍ତକ ଜ୍ଞାନ ବା ଅନ୍ୟ ସମସ୍ତ ଲୌକିକ ଜ୍ଞାନ ଅନ୍ତକାଲରେ ଆମକୁ ରକ୍ଷା କରିପାରିବ ନାହିଁ । ପାଣ୍ଡିତ୍ୟ ଏବଂ ଶାସ୍ତ୍ରଜ୍ଞାନ ଅପେକ୍ଷା ଆତ୍ମଚିନ୍ତନ ଏବଂ ଭକ୍ତିଭାବ ଶ୍ରେୟସ୍କର ।

ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ୍ କହୁଛନ୍ତି—ମରଣ ସମୟରେ ଯେ କେବଲ ଆମ୍ଭଙ୍କୁ ସ୍ମରଣ କରୁ କରୁ ଦେହତ୍ୟାଗ କରନ୍ତି, ସେ ଆମ୍ଭର ସ୍ୱରୂପ ପ୍ରାପ୍ତ ହୁଅନ୍ତି; ଏଥିରେ ସନ୍ଦେହ ନାହିଁ । ଜୀବ, ମରଣ କାଲରେ ଯେଉଁ ଭାବ ସ୍ମରଣ କରି ଦେହ ତ୍ୟାଗ କରେ ସେହି ଭାବ ପ୍ରାପ୍ତହୁଏ । ଜୀବ ଯିବା ସମୟରେ ହଠାତ୍ ଭଗବାନଙ୍କ ରୂପ ଏବଂ ନାମ ସ୍ମରଣରେ ଆସେ ନାହିଁ । ଆମେ ଜୀବନ ତମାମ୍ ଯେଉଁ ଚିନ୍ତା ଏବଂ ଅଭ୍ୟାସ କରିଥିବା ସେହି ବିଷୟ କେବଲ ପ୍ରାଣ ପ୍ରସ୍ଥାଣ ସମୟରେ ସମ୍ମୁଖରେ ଉପସ୍ଥିତ ହୁଏ । ତେଣୁ ଜୀବନ ତମାମ୍ ଗୋବିନ୍ଦଙ୍କ ଧ୍ୟାନ ଓ ଭଜନର ଆବଶ୍ୟକତା ରହିଛି (ଗୀତାର ଅଷ୍ଟମ ଅଧ୍ୟାୟର ପଞ୍ଚମଠାରୁ ଅଷ୍ଟମ ଶ୍ଲୋକ ଦ୍ରଷ୍ଟବ୍ୟ) ।

'ଗୋବିନ୍ଦ' ଶବ୍ଦର ଅର୍ଥ ବିଷ୍ଣୁ, ଯେ ବ୍ୟାପ୍ତରୂପରେ ସମସ୍ତ ଜଡ଼ ଓ ଚେତନ ବସ୍ତୁରେ ସ୍ଥିତ ଏବଂ ସେଗୁଡ଼ିକର କାର୍ଯ୍ୟକାରିଣୀ ଶକ୍ତି । ଏହା ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ବ୍ରହ୍ମଙ୍କ ବ୍ୟକ୍ତ ରୂପ । ବିଭିନ୍ନ ସାକାର ରୂପରେ ଆମେ ଈଶ୍ୱରଙ୍କ ଯେଉଁ ଆରାଧନା କରୁ ତାହା ସଚ୍ଚିଦାନନ୍ଦ ବ୍ରହ୍ମଙ୍କ ଘନମୂର୍ତ୍ତି ମାତ୍ର । ଭଜଗୋବିନ୍ଦଂର ଅର୍ଥ ଈଶ୍ୱର ସେବା ଏବଂ ଈଶ୍ୱରଙ୍କ ସହ ଆମର ସମ୍ବନ୍ଧର ଭାବନା ।

'ଭଜ' ଶବ୍ଦର ଅର୍ଥ ଭଜନ ବା ପୂଜା । ଏହା କେବଲ ବିଭିନ୍ନ ପୂଜୋପକରଣ ସହ ଦେବତାଙ୍କୁ ପୂଜା କରିବା ବା ବିଭିନ୍ନ ମନ୍ଦିର ଦର୍ଶନ ନୁହେଁ ଅଥବା ବିଭିନ୍ନ ମନ୍ତ୍ରପାଠ ପୂର୍ବକ ପୁଷ୍ପ ଚଢ଼ାଇବା ଏବଂ ନୈବେଦ୍ୟ ଅର୍ପଣ ନୁହେଁ; ଈଶ୍ୱରଙ୍କ ସହିତ ଆମର ସମ୍ବନ୍ଧ ସ୍ଥାପନ କରିବା ଏବଂ ପ୍ରେମ ଓ ଭକ୍ତିର ସହିତ ପୂର୍ଣ୍ଣ ଆତ୍ମସମର୍ପଣର ଚିନ୍ତା । ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ଇତ୍ୟାଦି ଶାସ୍ତ୍ର ବର୍ଣ୍ଣିତ ନବଧା ଭକ୍ତିର କାର୍ଯ୍ୟ । ଈଶ୍ୱର ଭଜନ ହେଉଛି ଈଶ୍ୱର ଚିନ୍ତା, ଜନସେବା ହେଉଛି ଜନାର୍ଦ୍ଦନ ସେବା । ତେଣୁ ହେ ମୂଢ଼ ! ଏହି ଅମୂଲ୍ୟ ଜୀବନ ବୃଥା ନଷ୍ଟ ନ କର ଈଶ୍ୱରଚିନ୍ତନ ଓ ସେବାକାର୍ଯ୍ୟ କରି ଗୋବିନ୍ଦଙ୍କ ଭଜନ କର ।

ମୂଢ଼ ଜହୀହି ଧନାଗମ ତୃଷ୍ଣାଂ
କୁରୁ ସଦ୍‌ବୁଦ୍ଧିଂ ମନସି ବିତୃଷ୍ଣାମ୍ ।
ଯଲ୍ଲଭସେ ନିଜକର୍ମୋପାତ୍ତଂ
ବିତ୍ତଂ ତେନ ବିନୋଦୟ ଚିତ୍ତମ୍ ।୨।

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ହେ ମୂଢ଼ ! ଅଧିକତର ଧନପ୍ରାପ୍ତିର ଲଲସା ତ୍ୟାଗ କର । ତୃଷ୍ଣାହୀନ ହୋଇ ମନରେ ସୁବୁଦ୍ଧି ଧାରଣ କର । ନିଜର ପ୍ରାରବ୍ଧ ଅନୁସାରେ ଯେଉଁ ଧନ ପ୍ରାପ୍ତ ହୋଇଅଛି ଏବଂ ହେଉଅଛି ସେଥିରେ ମନକୁ ପ୍ରସନ୍ନ ରଖି, ତାହାହିଁ ଭୋଗକରି ସନ୍ତୁଷ୍ଟ ରହ ।

ବ୍ୟାଖ୍ୟା—ସୁଖ ପ୍ରାପ୍ତିର ଲଲସାରେ ଆମର ବିଭିନ୍ନ ଭୋଗଇଚ୍ଛା (କାମନା) ଜାତ ହୁଏ । ଏହି ଲଲସାର ପୂର୍ତ୍ତି ପାଇଁ ଆମେ ବିଭିନ୍ନ ଭୋଗ ସାମଗ୍ରୀ ସଂଗ୍ରହ କରୁ । ନିଜର ସାମୟିକ ସୁଖ ପାଇଁ ଯେଉଁ ସମସ୍ତ ଜାଗତିକ ବସ୍ତୁ ସଂଗ୍ରହ କରାଯାଏ ତାହା ବ୍ୟାପ୍ତ ଅର୍ଥରେ 'ଧନାଗମ ତୃଷ୍ଣା' । ଭୋଗ ସାମଗ୍ରୀ ପୂର୍ତ୍ତି କରିବା ପାଇଁ ଅର୍ଥ ଆବଶ୍ୟକ । ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହରେ ଲଗିପଡ଼ୁ । ଆମ ପାଖରେ ଯେଉଁ ବସ୍ତୁ ନାହିଁ ତାହାର ପ୍ରାପ୍ତି ପାଇଁ ମନରେ ଯେଉଁ ପ୍ରବଲ ଇଚ୍ଛା ଜାତହୁଏ ତାହାର ନାମ 'ତୃଷ୍ଣା' । ତୃଷ୍ଣା ଲୋଭ ଓ କାମର ବେଗକୁ ପ୍ରବଲ କରି ଆମକୁ ସଂସାର ଦିଗକୁ ଟାଣି ନିଏ ।

ଜଗତରେ ଚଲିବା ପାଇଁ ଏବଂ ପରିବାର ପୋଷଣ ପାଇଁ ଧନ ନିତାନ୍ତ ଆବଶ୍ୟକ । ଧନର ଅଭାବରେ ଆମର କୌଣସି ଉନ୍ନତି ହୋଇପାରେ ନାହିଁ ।

ଧନାଗମ ପାଇଁ ପରିଶ୍ରମ ଓ ଚେଷ୍ଟା ଯେ ଅନାବଶ୍ୟକ ତାହା ନୁହେଁ । ଉଚିତ ମାର୍ଗରେ ଧନ ଉପାର୍ଜନ କରିବା ନିତାନ୍ତ ଆବଶ୍ୟକ । ଧନାଗମର ଚେଷ୍ଟା କର୍ତ୍ତବ୍ୟ କର୍ମ । କିନ୍ତୁ ଧନପ୍ରତି ଲଲସା ବା ତୃଷ୍ଣା ତ୍ୟାଗ କରିବା ବିଧେୟ ।

ଆଶା ବଳବତୀ । ଯେତେ ଉପଭୋଗ ସାମଗ୍ରୀ ପାଇଲେ ମଧ୍ୟ ସନ୍ତୋଷ ମିଳେନାହିଁ । ଆହୁରି ଅଧିକ ଅଧିକ ପାଇବା ଇଚ୍ଛାକରୁ । ମନରୁ ଏହି ବାସନା ଦୂର ହେଲେ କେବଳ ଆମେ ଶାନ୍ତି ପାଇପାରିବା ଏବଂ ଭଗବତ୍ ଚିନ୍ତାପ୍ରତି ମାର୍ଗ ସୁଗମ ହେବ । ଭୋଗ ଇଚ୍ଛାରେ ଉନ୍ମତ୍ତ ହୋଇ ନାନାପ୍ରକାର ଅନ୍ୟାୟ ମାର୍ଗରେ ଧନ ଉପାର୍ଜନ କରି ଯେଉଁ ସୁଖ ପାଇବାର ଇଚ୍ଛା କରୁଅଛେ, ତାହା କେବେହେଲେ ଶାନ୍ତି ଓ ସନ୍ତୋଷ ଦେଇପାରେ ନାହିଁ । କଷ୍ଟଲବ୍ଧ ଧନକୁ ଯତ୍ନର ସହିତ ରଖିବାପାଇଁ ସଂଘର୍ଷ କରିବାକୁ ପଡ଼େ । ଧନ ଅର୍ଜନରେ ଦୁଃଖ, ନଷ୍ଟରେ ଅନୁତାପ ଏବଂ ସମ୍ପତ୍ତି ବୃଦ୍ଧିରେ ମୋହାବସ୍ଥା ପ୍ରାପ୍ତ ହୋଇ ନରକଗାମୀ ହେବା ବିଷୟ ଶାସ୍ତ୍ରକାରମାନେ କହନ୍ତି । ଧନାଗମର ତୃଷ୍ଣା ଏହିପରି କେତେବେଳେ ହେଲେ ଶାନ୍ତି ନଦେଇ ଆମକୁ ପତନ ମୁଖକୁ ନେଇଯାଏ ।

ତେଣୁ ଆଚାର୍ଯ୍ୟଶଙ୍କର ଏହି ଧରଣର ଧନାଗମ ତୃଷ୍ଣା ତ୍ୟାଗକରି ମନରେ ସଦ୍‌ବୁଦ୍ଧି ଜାଗ୍ରତ କରିବା ବିଧେୟ କହୁଅଛନ୍ତି । ମନରେ ସଦ୍‌ବୁଦ୍ଧି ଜାଗ୍ରତ ନହେଲେ ତୃଷ୍ଣାର ମୃତ୍ୟୁ ହୁଏ ନାହିଁ । ନିଜର କର୍ମ ଅନୁସାରେ ଆମେ ଯେଉଁ ସ୍ଥିତିରେ ଅଛେ ଓ ଅର୍ଥସାମଗ୍ରୀ ପାଇଅଛେ ଏବଂ ପାଉଅଛେ ସେଥିରେ ସନ୍ତୋଷ ରହି ନିଜର କର୍ତ୍ତବ୍ୟ କର୍ମ କରିବା ବିଧେୟ କୁହାଯାଉଅଛି । ନିଜର ପରିଶ୍ରମ ଓ ଚେଷ୍ଟାରେ ସତ୍‌ମାର୍ଗରେ ଯାହା ଉପାର୍ଜନ କରୁଅଛେ ସେଥିରେ ସନ୍ତୁଷ୍ଟ ରହିବା ଉଚିତ । ଅନ୍ୟମାନଙ୍କର ଭୋଗ ସାମଗ୍ରୀ ଦେଖି ମନକୁ ମ୍ଳାନ କରିବା ଅନୁଚିତ । ହେ ମୂଢ ! ମନରେ ସଦ୍‌ବୁଦ୍ଧି ଜାଗ୍ରତ କରି ଧନାଗମର ତୃଷ୍ଣା ତ୍ୟାଗପୂର୍ବକ ସର୍ବଦା ସନ୍ତୋଷ ରହି ଗୋବିନ୍ଦଙ୍କ ଭଜନ କର ।

**ନାରୀସ୍ତନଭରନାଭୀଦେଶଂ**
**ଦୃଷ୍ଟ୍ୱା ମା ଗା ମୋହାବେଶମ୍ ।**
**ଏତନ୍ମାଂସବସାଦିବିକାରଂ**
**ମନସି ବିଚିନ୍ତୟ ବାରଂବାରମ୍ ॥ ୩ ॥**
(ଭଜ-**ଗୋବିନ୍ଦଂ** ଭଜ-ଗୋବିନ୍ଦଂ … …)

ନାରୀର ସ୍ତନ ଓ ନାଭିଦେଶ ଦେଖି ମୋହଗ୍ରସ୍ତ ହୁଅନାହିଁ । ଏସବୁ ମାଂସ ଓ ବସ (ମେଦ)ର ବିକାର ମାତ୍ର ବୋଲି ମନରେ ବାରଂବାର ବିଚାର କର ।

ବ୍ୟାଖ୍ୟା—ସ୍ତ୍ରୀ ଆସକ୍ତି ଏବଂ ଭୋଗଚିନ୍ତାର ଭାବନା ମନରୁ ଦୂର କରିବା ସହଜ ନୁହେଁ । ଯେତେ ଯତି (ସାଧକ) ଓ ପଣ୍ଡିତ ହେଲେ ମଧ୍ୟ ଇନ୍ଦ୍ରିୟଗୁଡ଼ିକ ଏପରି ବଳବାନ୍ ଯେ ମନକୁ ହରଣ କରି ନେଇଯାନ୍ତି (୨-୬୦ ଗୀତା) । ଏହା ସମସ୍ତେ ଅନୁଭବ କରିପାରନ୍ତି । ଇତିହାସ ଏବଂ ପୁରାଣରେ ଆମେ ଏପରି ଅନେକ ଦୃଷ୍ଟାନ୍ତ ଦେଖିବାକୁ ପାଉ । କାମିନୀ ଏବଂ କାଞ୍ଚନର ଲାଳସା ସବୁଠାରୁ ତୀବ୍ରତର ।

ସୁଖ ପ୍ରାପ୍ତିର ଇଚ୍ଛା, ଜୀବର ସହଜାତ ପ୍ରବୃତ୍ତି । ବୁଦ୍ଧିମାନ୍ ଜୀବଠାରେ ଏହି ପ୍ରବୃତ୍ତି ଆହୁରି ବଳବତ୍ତର । ଅଧିକ ଧନ ପ୍ରାପ୍ତି କରିବା (କାଞ୍ଚନ) ଏବଂ ସୁଖଭୋଗ କରିବା (କାମ) ଅନ୍ତରରୁ ତ୍ୟାଗ କରିହୁଏ ନାହିଁ । 'କାମ' ହେଉଛି ଆମର ସବୁଠାରୁ ବଡ଼ ଶତ୍ରୁ । କାମରେ ବାଧା ସୃଷ୍ଟି ହେଲେ କ୍ରୋଧ ଜାତହୁଏ । ଲୋଭ, କାମ ମଧ୍ୟରେ ଲୁକ୍‌କାୟିତ ଭାବେ ରହେ । ଏହି କାମ, କ୍ରୋଧ ଓ ଲୋଭକୁ ଶାସ୍ତ୍ରରେ ନରକର ଦ୍ୱାର କୁହାଯାଇଅଛି । ନାରୀର ରୂପ ଓ ସୌଷ୍ଠବ ଅଙ୍ଗ ଚିନ୍ତା ଆମକୁ ମୋହରେ ପକାଇ ଦିଏ । କେତେ ଋଷି ବା ସାଧକ ହେଲେ ମଧ୍ୟ ମନରୁ ଏହି ରସ ପୂର୍ଣ୍ଣଭାବେ ଲୋପହୁଏ ନାହିଁ । ବୈରାଗ୍ୟଭାବ ଜାତ ହୋଇ ଈଶ୍ୱରଙ୍କଠାରେ ମନରହିଲେ ଏଥିରୁ କିଛି ପରିମାଣରେ ମୁକ୍ତି ମିଳେ ।

ସ୍ତ୍ରୀ ପ୍ରତି ପୁରୁଷର ଏବଂ ପୁରୁଷ ପ୍ରତି ସ୍ତ୍ରୀର ଆକର୍ଷଣ ସହଜାତ ଗୁଣ । ଏହା ଜାନ୍ତବ ପ୍ରବୃତ୍ତି । ଉପନିଷଦ୍ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସମସ୍ତ ମହାତ୍ମା ଏହି କାମିନୀ ଓ କାଞ୍ଚନ ପ୍ରତି ଆକର୍ଷଣ ପ୍ରବୃତ୍ତିକୁ ଆୟତ୍ତ କରିବା ବିଧେୟ କହିଅଛନ୍ତି । ଏହି ସହଜାତ ପ୍ରବୃତ୍ତିକୁ ଆୟତ୍ତ କରିବା, ଶୃଙ୍ଖଳିତ କରିବା, ପବିତ୍ର କରିବା ଅଥବା ଅନ୍ୟ ମାର୍ଗରେ ବଦଳାଇବା ପାଇଁ ସମସ୍ତ ଶାସ୍ତ୍ର ରଚନା କରାଯାଇଅଛି । କିନ୍ତୁ ସମସ୍ତ ଶାସ୍ତ୍ର ପଢ଼ି ମଧ୍ୟ ଆମେ ମୂର୍ଖ । କ୍ରିୟାବାନ୍ ପୁରୁଷ କେବଳ ବିଦ୍ୱାନ୍ ।

ନାରୀର ଜାନୁଯୌବନ ଦେଖି ଆମେ କାମରେ ବଶୀଭୂତ ହୋଇଯାଉ । ଏହି ଆକର୍ଷଣରୁ ରକ୍ଷା ପାଇବାପାଇଁ ଶଙ୍କରାଚାର୍ଯ୍ୟ ଏହି ପରିଚ୍ଛେଦରେ ଗୋଟିଏ ସୂଚନା ଦେଇଅଛନ୍ତି । ଏହା ଯୋଗଶାସ୍ତ୍ରରେ 'ପ୍ରତିପକ୍ଷ ଭାବନା' କୁହାଯାଏ । ନାରୀର ସୌଷ୍ଠବ ଅଙ୍ଗ ଚିନ୍ତା, ଯାହା ଆମର ମନକୁ ହରଣ କରି ନେଇଯାଏ ତାହା ବିଶ୍ଳେଷଣ କରି ଚିନ୍ତା କଲେ କେବଳ ମାଂସ ଓ ବସର ରୂପାନ୍ତର ମାତ୍ର । 'ମନବୋଧ ଚଉତିଶା'ର କବି କହୁଛନ୍ତି—ଚରିତ୍ରର ଦେଖ କି ନାରୀଙ୍କାରରେ । ଏହିପରି ଭାବନାଦ୍ୱାରା ମଧ୍ୟ ରକ୍ଷା ମିଳେନାହିଁ । ତେଣୁ ମନରେ ଏପରି ପ୍ରତିପକ୍ଷ ଚିନ୍ତା ବାରଂବାର କରି ସାଧନା କରିବା ବିଧେୟ କୁହାଯାଉଅଛି ।

ଆମେ କାମିନୀ ଓ କାଞ୍ଚନରୁ ସୁଖପାଉ । ଏହା ପ୍ରକୃତ ସୁଖ ବା ଆନନ୍ଦ ନୁହେଁ । ଆମେ ପରମାତ୍ମାଙ୍କ ଅଂଶ ଏବଂ ପରମାତ୍ମା ଆନନ୍ଦ ସ୍ୱରୂପ । କାମିନୀ ଓ କାଞ୍ଚନରୁ ଯେଉଁ ସୁଖ ଚିନ୍ତାକରୁ ତାହା ନାଶବାନ୍ ଏବଂ ପରମାତ୍ମ ଚିନ୍ତନରୁ ମନକୁ ହଟାଇ ନେଇଯାଏ । ପରମାତ୍ମାଙ୍କଠାରେ ମନରହିଲେ କେବଲ ଆମେ ସ୍ଥାୟୀ ଆନନ୍ଦ ପାଇପାରିବା । ତେଣୁ ହେ ମୂଢ ! ଏହି କ୍ଷଣିକ ଏବଂ ନାଶବାନ୍ ସୁଖରୁ ମନକୁ ହଟାଇ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ନଲିନୀଦଲଗତଜଲମତିତରଲଂ**
**ତଦ୍‌ବଜ୍ଜୀବିତମତିଶୟଚପଲମ୍ ।**
**କ୍ଷଣମିହ ସଜ୍ଜନସଂଗତିରେକା**
**ଭବତି ଭବାର୍ଣ୍ଣବତରଣେ ନୌକା ॥ ୪ ॥**
**(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)**

ପଦ୍ମପତ୍ର ଉପରେ ଜଲବିନ୍ଦୁ ଯେପରି ଢଲଢଲ ହେଉଥାଏ, ସେହିପରି ଏ ସଂସାର ମଧ୍ୟରେ ମାନବଜୀବନ ଢଲଢଲ ବା କ୍ଷଣଭଙ୍ଗୁର । କ୍ଷଣେ, ନିମିଷେ (ଅଳ୍ପ ସମୟ) ମାତ୍ର ସଜ୍ଜନ ସଙ୍ଗତି ଏହି ସଂସାର ସାଗରରୁ ତରିଯିବାପାଇଁ ନୌକା ସଦୃଶ୍ୟ ଅଟେ ।

ବ୍ୟାଖ୍ୟା—ଆମେ ଜୀବନ ତମାମ ସୁଖଭୋଗ ଇଚ୍ଛାକରୁ । କାମିନୀ, କାଞ୍ଚନର ଆକର୍ଷଣ ପ୍ରୀତିକର ବୋଧହୁଏ । ଜୀବନର ସ୍ଥିରତା କିଛିନାହିଁ । ସ୍ୱଳ୍ପ ଜୀବନ କାଲ ମଧ୍ୟରେ ନାନା ରୋଗ, ବ୍ୟାଧି, ବାଧା ମଧ୍ୟ ଦେଇ ଗତିକରୁ । ମୃତ୍ୟୁ ଆମକୁ ଜଣାଇ ଆସେ ନାହିଁ । କେତେବେଳେ ଯେ କାହାର ମୃତ୍ୟୁହେବ କହିହେବ ନାହିଁ । କେଉଁ ମୁହୂର୍ତ୍ତରେ ଯେ ଆମେ ସମସ୍ତ ଉପଭୋଗ ସାମଗ୍ରୀ ଛାଡ଼ି ଚାଲିଯିବା ତାହାର ସ୍ଥିରତା କିଛିନାହିଁ । ଉପଭୋଗ ଇଚ୍ଛାରେ ସମସ୍ତ ପ୍ରକାର ସୁଖ ସାମଗ୍ରୀ ସଂଗ୍ରହରେ ଲାଗିପଡ଼ୁ; ସତେକି ଯେପରି ଅନନ୍ତ ସମୟ ପାଇଁ ଉପଭୋଗ କରିବା । ନ୍ୟାୟ, ଅନ୍ୟାୟର ଭାବନା ରହେନାହିଁ । ସାପର ପାଟିରେ ବେଙ୍ଗରହି ଯେପରି ନିକଟର କୀଟକୁ ଖାଇବାପାଇଁ ଜିଭ ବଢ଼ାଏ ସେହିପରି ଆମେ କାଲର ଗ୍ରାସରେ ରହି ସୁଖଭୋଗ ଇଚ୍ଛାକରୁ । ଜଲର ଫୋଟକାପରି ଏହି ଜୀବନ ଯେ କ୍ଷଣିକ ଏବଂ ନାଶବାନ୍ କେବେହେଲେ ମନକୁ ଆସେ ନାହିଁ ।

ଏହା ବିଷାଦବାଦ ନୁହେଁ । ଭାରତୀୟ ଦର୍ଶନ ବିଷାଦବାଦ ଉପରେ ପ୍ରତିଷ୍ଠିତ ନୁହେଁ । ପ୍ରକୃତ ଆନନ୍ଦ ଉପଲବ୍ଧି କରିବା ମନୁଷ୍ୟ ଜୀବନର ଲକ୍ଷ୍ୟ ।

ଏହିପରି ପ୍ରତିପକ୍ଷ ଭାବନା ଆମକୁ ଅନ୍ଧାରରୁ ଆଲୋକକୁ ନିଏ । ଅସତ୍‌ରୁ ସତ୍ ଦିଗକୁ ମନ ବଲାଏ ।

ପଦ୍ମପତ୍ରରେ ପଡ଼ିଥିବା ଜଲବିନ୍ଦୁ ଯେପରି ଢଲଢଲ ହେଉଥାଏ ସେହିପରି ଏହି ଜୀବନ ଚଞ୍ଚଲ । ପଦ୍ମପତ୍ର ଉପରସ୍ଥ ଜଲବିନ୍ଦୁ, ଅନନ୍ତ ଜଲରାଶିରୁ ନିଜକୁ ପୃଥକ୍ ଭାବେ । ନିଜକୁ କ୍ଷୁଦ୍ର ଓ ଅସହାୟ ମନେକରେ । ପଦ୍ମପତ୍ର ଉପରେ ଢଲଢଲ ହୋଇ ନିଜର ସ୍ଥିତିରେ ସନ୍ଦେହ ଜାତହୁଏ । କିନ୍ତୁ, ସେ ଯେ ଅନନ୍ତ ଜଲରାଶିର ଅଂଶ ଏବଂ ସ୍ୱରୂପରେ ଅଭିନ୍ନ, ବୁଝିପାରେ ନାହିଁ । ତେଣୁ ସମସ୍ତ ସୁଖ ଦୁଃଖ ଭୋଗକରେ । ଅବିଦ୍ୟା (ଅଜ୍ଞାନ) କାରଣରୁ ସେ ଯେ ଆନନ୍ଦ ସ୍ୱରୂପ ଆତ୍ମା, ଏହି ଜ୍ଞାନ ହରାଇ ବସେ । ଅଦ୍ୱୈତବାଦର ପ୍ରବର୍ତ୍ତକ ଆଚାର୍ଯ୍ୟଶଙ୍କର ଏହି ଜଲ ବିନ୍ଦୁର ଦୃଷ୍ଟାନ୍ତ ଦ୍ୱାରା 'ତତ୍ତ୍ୱମସି' ଅର୍ଥାତ୍ 'ତୁମେ ତାହାଅଟ' ମହାବାକ୍ୟର ଚିନ୍ତାଧାରା ସୂଚାଉ ଅଛନ୍ତି ।

ଏହି ମୃତ୍ୟୁ ସଂସାର ସାଗରରୁ ପାରହେବା ପାଇଁ ସତ୍‌ସଙ୍ଗ ନୌକା ସଦୃଶ୍ୟ କାର୍ଯ୍ୟକରେ । ଯେପରି ନୌକା ବା ଜାହାଜ ଦ୍ୱାରା ନଦୀ ବା ସମୁଦ୍ର ପାରହୋଇପାରୁ ସେହିପରି ସତ୍‌ଜନମାନଙ୍କ ସଙ୍ଗ, ସ୍ୱାଧ୍ୟାୟ, ଭଗବତ୍ ଚିନ୍ତନ ଆଦି ଏହି ଦୁଃଖପୂର୍ଣ୍ଣ ସଂସାର ସାଗରରୁ ତରିଯିବାପାଇଁ ନୌକା ସଦୃଶ୍ୟ କାର୍ଯ୍ୟକରେ । କିଞ୍ଚିତ୍ ମାତ୍ରହିଁ ସତ୍‌ସଙ୍ଗ ଫଲଦାୟକ ହୋଇଥାଏ । ଅନ୍ତଃକରଣକୁ ପବିତ୍ରକରି ଯେଉଁମାନେ ଅନନ୍ୟଭାବେ ଭଗବତ୍ ପରାୟଣ ହୁଅନ୍ତି ସେମାନଙ୍କୁ ସଂସାର ଦୁଃଖର ତାପ ଲାଗେନାହିଁ । ଭଗବାନଙ୍କଠାରେ ସମର୍ପିତ ଚିତ୍ତ ଭକ୍ତମାନଙ୍କୁ ଅଚିରାତ୍ ସଂସାର ସାଗରରୁ ଉଦ୍ଧାର କରିବା ବିଷୟ ଭଗବାନ୍ ଗୀତାରେ ସ୍ୱୀକାର କରିଅଛନ୍ତି (୧୨-୭) । ତେଣୁ ହେ ମୂଢ ! ଜୀବନର ଅସ୍ଥିରତା ହୃଦୟଙ୍ଗମ କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ଯାବଦ୍‌ବିତ୍ତୋପାର୍ଜନଶକ୍ତ-**
**ସ୍ତାବନ୍ନିଜପରିବାରୋ ରକ୍ତଃ ।**
**ତଦନୁ ଚ ଜରୟା ଜର୍ଜରଦେହେ**
**ବାର୍ତ୍ତାଂ କୋଽପି ନ ପୃଚ୍ଛତି ଗେହେ ॥ ୫ ॥**
**(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)**

ଯେଉଁ ପର୍ଯ୍ୟନ୍ତ ଧନ ଉପାର୍ଜନ କରିବାର ଶକ୍ତିଥିବ ସେତେଦିନ ପର୍ଯ୍ୟନ୍ତ ପରିବାରର ସମସ୍ତେ ଅନୁରକ୍ତ ଥିବେ । କିନ୍ତୁ ଯେତେବେଳେ ଜର୍ଜର ବୃଦ୍ଧାବସ୍ଥା ଆସିଯିବ ପରିବାରର କେହି ତୁମ ସହିତ କଥାବାର୍ତ୍ତା ମଧ୍ୟ କରିବେ ନାହିଁ ।

ବ୍ୟାଖ୍ୟା—ପରିବାରର ସୁଖ ସୁବିଧା ପାଇଁ ଆମେ ଧନ ଉପାର୍ଜନରେ ଲଗି ପଡ଼ିଅଛେ । ନାନା ଅନ୍ୟାୟ ମାର୍ଗରେ ମଧ୍ୟ ଧନ ଉପାର୍ଜନ କରୁଅଛେ । ଦେହରେ ଶକ୍ତି ଏବଂ ଧନ ଉପାର୍ଜନର କ୍ଷମତାଥିବା ପର୍ଯ୍ୟନ୍ତ ସ୍ତ୍ରୀ, ପୁତ୍ର ଏବଂ ପରିବାରର ସମସ୍ତେ ସ୍ନେହ କରନ୍ତି । ଧନ କେବଳ ସ୍ନେହ ପାଶରେ ପରିବାର ସହ ବାନ୍ଧି ରଖିଅଛି । ତତ୍ପରେ ଯେତେବେଳେ ଜର୍ଜର ବୃଦ୍ଧାବସ୍ଥା ଆସିଯିବ, ଶରୀରର ସମସ୍ତ ଶକ୍ତି ନଷ୍ଟ ହୋଇ ଚଳପ୍ରଚଳ ହେବା ମଧ୍ୟ କଷ୍ଟକର ବୋଧହେବ, ଧନ ଉପାର୍ଜନର କ୍ଷମତାଥାଇ ଦେହରେ ଶକ୍ତିଥିଲାବେଳେ ଯେପରି ସ୍ନେହ ପାଉଥିଲେ ଆଉ ସେହିପରି ସ୍ନେହ ପରିବାରରୁ ପାଇବା ନାହିଁ । ଯଦି ଧନାଗମର କିଛି ମାର୍ଗଥାଏ ତେବେ ଧନ ଲୋଭରେ ପରିବାରର କେହି ପଚାରି ପାରନ୍ତି । ଶକ୍ତିହୀନ ଅବସ୍ଥାରେ ଯଦି ଧନ ଉପାର୍ଜନର କିଛି ମାର୍ଗ ନଥିବ, ତୁମର ସ୍ତ୍ରୀ, ପୁତ୍ର ମଧ୍ୟ ପଚାରିବେ ନାହିଁ । ଏପରିକି ତୁମ ସହିତ କଥାବାର୍ତ୍ତା ମଧ୍ୟ କରିବେ ନାହିଁ । ଯେଉଁ ପରିବାରର ସୁଖ ଚିନ୍ତାରେ ତୁମର ଜୀବନ ତମାମ ଚାଲି ଯାଇଅଛି, ସେହି ପରିବାରଦ୍ୱାରା ମୃତ୍ୟୁ ପୂର୍ବରୁ ତୁମର ବୃଦ୍ଧାବସ୍ଥା ଯେ ସୁଖକର ଭାବେ କଟିବ ଏହା ନିଶ୍ଚିତ ନୁହେଁ । କର୍ତ୍ତବ୍ୟଜ୍ଞାନ ସମସ୍ତଙ୍କଠାରେ ରହେ ନାହିଁ ।

ମନୁଷ୍ୟ ବଡ଼ ସ୍ୱାର୍ଥପର । କିଛି ପାଇବାର ଆଶା ନଥାଇ ଦେବାର ଚିନ୍ତା କରେନାହିଁ । ଏହା ଜଗତର ନିୟମ । ପରିବାରରେ ମଧ୍ୟ ଏହାର ବ୍ୟତିକ୍ରମ ଦେଖାଯାଏନାହିଁ । ଅର୍ଥଦ୍ୱାରା କେବଳ ଆମେ ସମସ୍ତ ସମ୍ମାନ ଏବଂ ସୁଖସୁବିଧା ପାଉ । ଏହାର ବିପରୀତ ପ୍ରକ୍ରିୟା ମଧ୍ୟ ସତ୍ୟ । ଅର୍ଥ ନଥିଲେ ଜଗତର କେହି ପଚାରିବେ ନାହିଁ । ତେଣୁ ଜଗତ୍ ଆମକୁ ଛାଡ଼ିବା ପୂର୍ବରୁ ଆମେ ଜଗତକୁ ଛାଡ଼ିଦେବା ବିଷୟ ଆଚାର୍ଯ୍ୟ ଶଙ୍କର ଏହି ପରିଚ୍ଛେଦରେ ସୂଚନା ଦେଉଅଛନ୍ତି । ଏହା ବଳ ଓ ସମୟ ଥାଉ ଚିନ୍ତା କରିବା କଥା । ତେଣୁ, ପୂର୍ବରୁ ମୃତ୍ୟୁ, ଜରା, ବ୍ୟାଧିର ଦୁଃଖ ଦେଖି ଗୋବିନ୍ଦଙ୍କୁ ସ୍ମରଣ କରିବା ଉଚିତ । ଅଳ୍ପ ସମୟ ପାଇଁ ମଧ୍ୟ ସତ୍ସଙ୍ଗ ଶ୍ରେୟସ୍କର । ତେଣୁ ହେ ମୂଢ଼ ! ଜୀବନ ତମାମ ମୋହପୂର୍ବକ ପରିବାରର ପୋଷଣ ପାଇଁ ଅନ୍ୟାୟ ମାର୍ଗରେ ଅର୍ଥ ଉପାର୍ଜନରେ ସମସ୍ତ ଶକ୍ତି ବ୍ୟୟ ନକରି ଗୋବିନ୍ଦଙ୍କ ଭଜନ କର ।

**ଯାବତ୍ ପବନୋ ନିବସତି ଦେହେ**
**ତାବତ୍ ପୃଚ୍ଛତି କୁଶଳଂ ଗେହେ ।**

**ଗତବତି ବାୟୌ ଦେହାପାୟେ**
**ଭାର୍ଯ୍ୟା ବିଭ୍ୟତି ତସ୍ମିନ୍ କାୟେ ॥ ୭ ॥**

(ଭଜ-ଗୋବିନ୍ଦଂ ଭଜ ଗୋବିନ୍ଦଂ ... ...)

ଯେଉଁ ପର୍ଯ୍ୟନ୍ତ ତୁମ ଶରୀରରେ ନିଃଶ୍ୱାସ ପ୍ରଶ୍ୱାସ ପ୍ରବାହିତ ହେଉଅଛି, ସେ ପର୍ଯ୍ୟନ୍ତ ସମସ୍ତେ ତୁମର ଭଲମନ୍ଦ ଖବର ପଚାରି ବୁଝନ୍ତି । ପ୍ରାଣ ଚାଲିଯିବା ପରେ ସେହି ଶରୀରକୁ ଦେଖି ନିଜର ସ୍ତ୍ରୀ ମଧ୍ୟ ଭୟଭୀତା ହୋଇଯାନ୍ତି ।

ବ୍ୟାଖ୍ୟା—ଶରୀର ପ୍ରଧାନ ଜ୍ଞାନରେ ଆମର ସମସ୍ତ କାର୍ଯ୍ୟକଳାପ ଚାଲିଅଛି । ଯେଉଁ ଶରୀରର ପୂଜା ଚାଲିଛି ତାହାର ଅନ୍ତିମ ପରିଣତିକୁ ଲକ୍ଷ୍ୟ କଲେ ଆମର ସମୟ ଓ ଶକ୍ତିର କିପରି ଅପବ୍ୟୟ ହେଉଅଛି ବୁଝିହେବ । ବୃଦ୍ଧାବସ୍ଥାରେ ତାହାର ରୂପ ଏବଂ ଶେଷ ପରିଣତିର ଭାବନା ଆଦୌ ମନକୁ ଆସୁନାହିଁ । ଶରୀରକୁ ସଜାଇବାରେ ଯେତିକି ସମୟ ବ୍ୟୟ ହେଉଛି ତାହାର ଅଂଶ ମାତ୍ର ଭଗବତ୍ ଚିନ୍ତନରେ ବ୍ୟୟ ହେଉନାହିଁ । ରୂପର ଆକର୍ଷଣ ପାଇଁ ଅର୍ଥବ୍ୟୟ ଓ ଚେଷ୍ଟା ମନୋଯୋଗପୂର୍ବକ କରାଯାଉଅଛି । ଶରୀରର ପୁଷ୍ଟି ଓ ସୌନ୍ଦର୍ଯ୍ୟ ପାଇଁ ଯେ ଯତ୍ନ ନ ନେବା ତାହା ନୁହେଁ । କିନ୍ତୁ ଶରୀର କେବଳ ସର୍ବେସର୍ବା ଏବଂ ଶରୀରକୁ କେବଳ ଆତ୍ମା ଜ୍ଞାନ କରିବା ଚିନ୍ତାଧାରା ମାରାତ୍ମକ ।

ଯେଉଁ ଶରୀରପ୍ରତି ଆମେ ଏତେ ମନୋନିବେଶ କରୁ ତାହାର ଶେଷ ପରିଣତି ହେଉଛି ବିନାଶ । ମୃତ୍ୟୁ ପରେ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀର କିଛି ଉପକାରରେ ଆସିପାରେ କିନ୍ତୁ ମନୁଷ୍ୟ ଶରୀର କିଛି ଉପକାରରେ ଆସେନାହିଁ, ବରଂ ଅଧିକ ସମୟ ରହିଲେ ଅସୁବିଧା ସୃଷ୍ଟି ହୁଏ ।

ଯେଉଁ ପର୍ଯ୍ୟନ୍ତ ଆମେ ଜୀବିତ ରହୁ ସମସ୍ତେ ଆଦର ଏବଂ ସତ୍କାର କରନ୍ତି । ଶରୀରରୁ ପ୍ରାଣବାୟୁ ଚାଲିଯିବା ପରେ ସେହି ଶରୀରକୁ କେହି ସ୍ପର୍ଶ କରନ୍ତି ନାହିଁ । ତାହାକୁ ସ୍ପର୍ଶ କଲେ ମୁଣ୍ଡ ଧୋଇ ଗାଧୋଇବାକୁ ପଡ଼େ । ତୁମେ ଆଦର ସତ୍କାର ପାଉଥିଲ କିନ୍ତୁ ଏହି ଶରୀର ପାଉ ନଥିଲା । ତେଣୁ ତୁମେ ଏହି ଶରୀର ନୁହଁ । ପ୍ରାଣଥିବା ପର୍ଯ୍ୟନ୍ତ ଏହି ଶରୀର ଆଦରଣୀୟ ହୋଇଥିଲା । ତୁମର ପ୍ରିୟତମା ଭାର୍ଯ୍ୟା ମଧ୍ୟ ଯାହାଙ୍କୁ ଏହି ଶରୀର ବଡ଼ ପ୍ରିୟଥିଲା, ପ୍ରାଣ ଚାଲିଯିବାପରେ ସେହି ଶରୀରକୁ ଦେଖି ଭୟଭୀତା ହୋଇଯାନ୍ତି ।

ଏହି ପରିଚ୍ଛେଦରେ ଶଙ୍କରାଚାର୍ଯ୍ୟ, ଶରୀରାତ୍ମା ଜ୍ଞାନରୁ ଦୃଷ୍ଟି ଫେରାଇ ସତ୍ଚିନ୍ତନ କରିବାପାଇଁ ନିର୍ଦ୍ଦେଶ ଦେଉଛନ୍ତି । ସର୍ବଦା ବେଦାନ୍ତବାକ୍ୟରେ ରମଣ କରି ତୁମେ କିଏ ବିଚାର କର । ହେ ମୂଢ଼ ! ତୁମେ ଯେ ଏ ଶରୀର ନୁହଁ, ଅବିନାଶୀ ଆତ୍ମା, ଜ୍ଞାନ କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ବାଲସ୍ତାବତ୍‌କ୍ରୀଡାସକ୍ତ-
ସ୍ତରୁଣସ୍ତାବତ୍ତରୁଣୀରକ୍ତଃ ।
ବୃଦ୍ଧସ୍ତାବଚ୍ଚିନ୍ତାମଗ୍ନଃ
ପାରେ ବ୍ରହ୍ମଣି କୋଽପି ନ ଲଗ୍ନଃ ॥ ୭ ॥

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ବାଲ୍ୟର ସମୟ ଖେଳ କୁଦରେ କଟିଯାଏ, ଯୁବକ ସମୟ ଯୁବତୀ ସଙ୍ଗରେ ବିତିଯାଏ, ବୃଦ୍ଧ ସମୟ ନାନା ପ୍ରକାର ଚିନ୍ତାରେ ଶେଷହୁଏ; କେଉଁ ଅବସ୍ଥାରେ ହେଲେ ପରମ ବ୍ରହ୍ମଙ୍କ ଚିନ୍ତାରେ ମନ ଲାଗେନାହିଁ ।

ବ୍ୟାଖ୍ୟା—ଜୀବନର ସମୟ ସ୍ୱଳ୍ପ । ଅତିକ୍ରମ କରିବା ପଥ ଦୀର୍ଘ । ମନୁଷ୍ୟ ଜୀବନ ଦୁର୍ଲ୍ଲଭ । ପୁନର୍ବାର ମନୁଷ୍ୟ ଜୀବନ ପାଇବାର କିଛି ସ୍ଥିରତା ନାହିଁ । କିଛି ନ ବୁଝି ଯଦି ଏହି ଜୀବନର ସମସ୍ତ ସମୟ ଖେଳ, ମଉଜ ଏବଂ ଚିନ୍ତାରେ କଟିଯାଏ ତେବେ ମାନବ ଜୀବନ ବ୍ୟର୍ଥ ହୋଇଯାଏ । ଅନ୍ୟ ସମସ୍ତ ପ୍ରାଣୀ ପରି ଯଦି କେବଳ ଇନ୍ଦ୍ରିୟ ସୁଖରେ ସମସ୍ତ ଜୀବନ ବିତିଯାଏ ତେବେ କେଉଁ ଜୀବନରେ ଇନ୍ଦ୍ରିୟାତୀତ ସୁଖ ଅନୁଭବ କରିବା ? ପୂର୍ବ ସତ୍‌କର୍ମରୁ ଉପରକୁ ଉଠିବା ପାଇଁ ଭଗବାନଙ୍କ କୃପାରୁ ଯେଉଁ ମାନବ ଶରୀର ପାଇଅଛେ, ତାହା ବୃଥା ହୋଇଯାଏ । ନୀଚ ପଶୁଯୋନିରେ ଜନ୍ମଗ୍ରହଣ କରି ତଳକୁ ତଳକୁ ଗତି କରିବା ପାଇଁ ଏହି ଶରୀର ପାଇନହେଁ । ସ୍ରଷ୍ଟା, ଆମର ଇନ୍ଦ୍ରିୟଗୁଡ଼ିକୁ ବହିର୍ମୁଖୀ କରିଅଛନ୍ତି । କିନ୍ତୁ ଯେଉଁ ବିବେକ ଦେଇଅଛନ୍ତି ତାହାଦ୍ୱାରା ଇନ୍ଦ୍ରିୟଗୁଡ଼ିକୁ ଅନ୍ତର୍ମୁଖୀ କରାଇବା ପାଇଁ ମଧ୍ୟ ଶକ୍ତି ଦେଇଛନ୍ତି । ଜୀବ ତଟସ୍ଥ । କେଉଁ ଦିଗରେ ଗତି କରିବ, ନିଜ ଉପରେ ନିର୍ଭର କରେ । ନିଜେ ନିଜକୁ ଉଦ୍ଧାର କରିବା ବିଷୟ ଶାସ୍ତ୍ରରେ ତେଣୁ କୁହାଯାଇଅଛି ।

ବାଲକ ଅବସ୍ଥାରେ ଖେଳିବା ବୁଲିବାକୁ ଭଲ ଲାଗେ । କଣ୍ଢେଇଖେଳ ଏବଂ ସାଙ୍ଗସାଥିମାନଙ୍କ ସହ ଖେଳବୁଲି ସମୟ ଯାଏ । ଏହି ସମୟରେ ଭଗବାନ୍ ବା ପରମାତ୍ମାଙ୍କ ଧାରଣା କରିହୁଏ ନାହିଁ ଏବଂ ପରମାତ୍ମାଙ୍କଠାରେ ମନ ରହେନାହିଁ । ଏହିପରି କିଶୋର ଅବସ୍ଥା ମଧ୍ୟ ଚାଲିଯାଏ । ଯେତେବେଳେ ଯୌବନ ଅବସ୍ଥା ଆସେ ଯୁବତୀ ସୁଖ ଚିନ୍ତା କେବଳ ମୁଖ୍ୟ ବିଷୟ ହୁଏ । ସୁତ, ଧନ, ଯୁବତୀ ସୁଖରେ ବିବେକ ନଷ୍ଟ ହୁଏ । ବିଭିନ୍ନ ପ୍ରକାର ପାପ କର୍ମରେ ଲିପ୍ତରହେ । ଏପରି ଭାବେ ପ୍ରୌଢ ଅବସ୍ଥା ମଧ୍ୟ ଅତିବାହିତ ହୁଏ । ବିଷୟ ଚିନ୍ତାରେ କେବଳ ସମସ୍ତ ସମୟ କଟିଯାଏ । ପରମାତ୍ମାଙ୍କ ଠାରେ ମନ ରହେନାହିଁ । ସ୍ତ୍ରୀ ଆସକ୍ତିର ଶକ୍ତି ସବୁଠାରୁ ପ୍ରବଳ । ଏହା ଜୀବନର ଶେଷ ପର୍ଯ୍ୟନ୍ତ ରହେ । ଈଶ୍ୱରଙ୍କଠାରେ ମନ ନ ଲାଗିଲେ ଏହା ଅନ୍ତରରୁ ଲୋପ ହୁଏ ନାହିଁ । ଯେତେବେଳେ ବୃଦ୍ଧାବସ୍ଥା ଆସେ ଅଙ୍ଗଗୁଡ଼ିକ ଶିଥିଳ ପଡ଼ିଯାଏ । ଚଳପ୍ରଚଳ ମଧ୍ୟ ଠିକ୍‌ଭାବେ ହୁଏନାହିଁ । ଅର୍ଦ୍ଧମୃତ ଅବସ୍ଥାରେ ଜୀବନ କଟାଇବାକୁ ପଡେ । ଶରୀର ଓ ମନର ଦୁର୍ବଳତା ଯୋଗୁଁ କିଛି କରିପାରନ୍ତି ନାହିଁ । ନାନା ପ୍ରକାର ଦୁଶ୍ଚିନ୍ତାରେ ମଗ୍ନ ରହନ୍ତି । ନାନା ପ୍ରକାର ଚିନ୍ତାରେ ମଗ୍ନ ହୋଇ ଏହି ଅବସ୍ଥାରେ ମଧ୍ୟ ପରମାତ୍ମାଙ୍କ ଠାରେ ମନ ଲଗାଇ ପାରନ୍ତି ନାହିଁ । ଏହିପରି ବାଲକ, ଯୁବକ ଏବଂ ବୃଦ୍ଧ କେଉଁ ଅବସ୍ଥାରେ ମଧ୍ୟ ଈଶ୍ୱର ଚିନ୍ତାରେ ମନ ଲାଗେ ନାହିଁ । ତେଣୁ ହେ ମୂଢ ! ଏହି ଦୁର୍ଲ୍ଲଭ ମାନବ ଜୀବନ ବୃଥା ନଷ୍ଟ ନ କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

କାତେ କାନ୍ତା କସ୍ତେ ପୁତ୍ରଃ
ସଂସାରୋଽୟମତୀବ ବିଚିତ୍ରଃ ।
କଶ୍ଚ ତ୍ୱଂ ବା କୁତ ଆୟାତ-
ସ୍ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ ॥ ୮ ॥

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

କିଏ ତୁମର ସ୍ତ୍ରୀ ? କିଏ ତୁମର ପୁତ୍ର ? ଏହି ସଂସାର ବଡ଼ ବିଚିତ୍ର । ତୁମେ କିଏ ? କେଉଁଠାରୁ ଆସିଅଛ ? ହେ ଭାଇ, ଏହି ତତ୍ତ୍ୱକୁ ନିରନ୍ତର ଚିନ୍ତାକର ।

ବ୍ୟାଖ୍ୟା—ପୁରୁଷ ଓ ସ୍ତ୍ରୀ ପରସ୍ପର ସ୍ନେହାବଦ୍ଧ ହୋଇ ସଂସାର କରନ୍ତି । ସନ୍ତାନ ଜନ୍ମହୋଇ ପରିବାର ହୁଏ । ପରସ୍ପର ସ୍ନେହ ଓ ସହଯୋଗରେ ଏହି କ୍ଷୁଦ୍ର ସାମାଜିକ ସଂସ୍ଥା ଗଢିଉଠେ । ହିନ୍ଦୁ ସମାଜରେ ନିଜ ସ୍ତ୍ରୀଙ୍କୁ ଧର୍ମପତ୍ନୀ କୁହାଯାଏ । ଧର୍ମକାର୍ଯ୍ୟ କରିବା ପାଇଁ ସହକାରିଣୀ ରୂପେ ଚିନ୍ତା କରାଯାଏ । ସୁଖ ଦୁଃଖରେ ଏକାଠି ଆନନ୍ଦ ମନରେ ରହନ୍ତି । ଏହା ସୁସ୍ଥ ପରିବାରର ଲକ୍ଷଣ ।

ସ୍ତ୍ରୀ ପ୍ରତି ପୁରୁଷର ଏବଂ ପୁରୁଷ ପ୍ରତି ସ୍ତ୍ରୀର ଅତ୍ୟଧିକ ଆସକ୍ତିରୁ ବିପର୍ଯ୍ୟୟର ଆରମ୍ଭ । ଭୋଗସାମଗ୍ରୀ ଏବଂ ଅର୍ଥ ସଂଗ୍ରହପାଇଁ ମନ ଲାଳାୟିତ ହୁଏ । ସନ୍ତାନ ପ୍ରତି ମୋହ, ମନରେ ଅସ୍ଥିରତା ଜାତ କରେ । ବିବେକ ଅଭାବହେଲେ ଏବଂ ଚିନ୍ତାଧାରରେ ପବିତ୍ରତା ନ ରହିଲେ ଆମକୁ ଦୁଃଖ ନୈରାଶ୍ୟରେ ଜୀବନ ଅତିବାହିତ କରିବାକୁ ପଡେ । ତେଣୁ ଶାସ୍ତ୍ରକାରମାନେ ସୁସ୍ଥ ପରିବାର ଗଠନ ସହ ସ୍ତ୍ରୀ ପୁରୁଷ ମଧ୍ୟରେ ମାନସିକ ସ୍ତରରେ କିଛି ଦୂରତା ରକ୍ଷା କରିବା ବିଷୟ କହନ୍ତି । ନିଜର କର୍ତ୍ତବ୍ୟ

କର୍ମ ଠିକ୍ ଭାବେ ପାଳନ କରିବା ସହ ନିଜର ବିବେକ ପ୍ରୟୋଗ କରିବା ବିଷୟ କୁହାଯାଏ ।

ବିବେକଦ୍ୱାରା ନିତ୍ୟ ଏବଂ ଅନିତ୍ୟ ବସ୍ତୁର ଭେଦ ଜଣାଯାଏ । ସତ୍ ଏବଂ ଅସତ୍ର ଜ୍ଞାନ ହୁଏ । ବିବାହ ପୂର୍ବରୁ ଯେ ଅନ୍ୟ କାହାର ଝିଅ ଥିଲେ ତୁମ ସହିତ ସମ୍ବନ୍ଧ ସ୍ଥାପନ କରିଅଛନ୍ତି । ପରସ୍ପର ସ୍ନେହଭାବରେ ଜଡ଼ିତ । ଜୀବନର ସ୍ଥିରତା କିଛିନାହିଁ । ଯାହାଙ୍କୁ ଆମେ ନିଜର ସ୍ତ୍ରୀ ବୋଲି ଏତେ ସ୍ନେହ କରୁଅଛେ ଏବଂ ପୁତ୍ର ବୋଲି ଏତେ ମମତା ଦେଖାଉଅଛେ ସେମାନଙ୍କୁ ଛାଡ଼ି ଆମକୁ ଚାଲିଯିବାକୁ ହେବ ବା ସେମାନେ ଆମକୁ ଛାଡ଼ି ଦିନେ ନା ଦିନେ ଚାଲିଯିବେ । କିଏ କେତେବେଳେ ବିଦାୟ ନେବେ କିଛି କହିହେବ ନାହିଁ । ଆହୁରି ମଧ୍ୟ ସ୍ତ୍ରୀ ଓ ପୁତ୍ରଠାରୁ ଯେଉଁ ସୁଖ ପାଇବା ଇଚ୍ଛା କରୁଅଛେ ସବୁବେଳେ ପୂର୍ଣ୍ଣ ହୁଏ ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସୁଖରେ ରହିବା ଇଚ୍ଛା କରିଅଛେ ତାହା ସବୁବେଳେ ଚରିତାର୍ଥ ହୁଏ ନାହିଁ । ଏହି ସଂସାର ବଡ ବିଚିତ୍ର ।

ତୁମେ କିଏ ଏବଂ କେଉଁଠାରୁ ଆସିଅଛ ଚିନ୍ତା କର । ତୁମେ, ଏହି ନାଶବାନ୍ ଶରୀର ନୁହଁ । ସ୍ଥିତ, ଜାତ, ବଢ଼ିବା, ମୋଟାମୋଟା ହେବା, କ୍ଷୀଣହେବା ଏବଂ ବିନାଶ—ଏହି ଷଡ଼୍‌ବିକାରର ଶରୀର ନୁହଁ । ଏହା କେବଳ ତୁମର ଆସ୍ଥାନ । ଯେପରି ପୁରୁଣା ବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ପିନ୍ଧ, ସେହିପରି ତୁମେ ଏହି ଶରୀର ଛାଡ଼ି ଅନ୍ୟ ଏକ ଶରୀର ଧାରଣ କରିବ । ତୁମେ ହେଉଛ ସେହି ଅବିନାଶୀ ଆତ୍ମା । ସେହି ଆନନ୍ଦ ସ୍ୱରୂପ ପୂର୍ଣ୍ଣ ପରମାତ୍ମାଙ୍କ ଅଂଶ । ତୁମେ ହେଉଛ ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ଆତ୍ମା । ତେଣୁ ହେ ମୂଢ ! ଏହିପରି ନିରନ୍ତର ଆତ୍ମଚିନ୍ତନ କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ସତ୍‌ସଙ୍ଗତ୍ୱେ ନିସ୍‌ସଙ୍ଗତ୍ୱଂ**
**ନିସ୍‌ସଙ୍ଗତ୍ୱେ ନିର୍ମୋହତ୍ୱମ୍ ।**
**ନିର୍ମୋହତ୍ୱେ ନିଶ୍ଚଳତତ୍ତ୍ୱଂ**
**ନିଶ୍ଚଳତତ୍ତ୍ୱେ ଜୀବନ୍ମୁକ୍ତିଃ ॥ ୯ ॥**

(ଭଜ ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)

ସତ୍‌ସଙ୍ଗରୁ ନିସ୍‌ସଙ୍ଗତ୍ୱ (ବିଷୟ ପ୍ରତି ଲାଳସା ନ ହେବା ଅବସ୍ଥା ) ପ୍ରାପ୍ତି ହୁଏ । ନିସ୍‌ସଙ୍ଗତ୍ୱରୁ ନିର୍ମୋହତ୍ୱ (ମୋହଶୂନ୍ୟ ଅବସ୍ଥା) ପ୍ରାପ୍ତି ହୁଏ । ନିର୍ମୋହତ୍ୱରୁ

ନିଶ୍ଚଳତତ୍ତ୍ୱ (ଶ୍ରୀ ଭଗବାନଙ୍କଠାରେ ସ୍ଥିର ରହିବା) ପ୍ରାପ୍ତି ଏବଂ ନିଶ୍ଚଳତତ୍ତ୍ୱରୁ ଜୀବିତ ଅବସ୍ଥାରେ ମୁକ୍ତ ବା ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତି ହୁଏ ।

ବ୍ୟାଖ୍ୟା—ବିଷୟଚିନ୍ତା ସମସ୍ତ ଅନର୍ଥର ମୂଳ । ବିଷୟ ଧ୍ୟାନରୁ ସେହି ବିଷୟରେ ଆସକ୍ତି ଜାତ ହୁଏ । ବିଷୟ ସହିତ ମନର ଗଭୀର ସଂଯୋଗକୁ 'ସଙ୍ଗ' କୁହାଯାଏ । ଏହି ଆସକ୍ତିରୁ ସେହି ବିଷୟ ଭୋଗର ଇଚ୍ଛା ବଳବତୀ ହୁଏ । ଏହାହିଁ କାମ (କାମନା) । କାମନା କୌଣସି କାରଣରୁ ପ୍ରତିହତ ହେଲେ କ୍ରୋଧଜାତ ହୁଏ । କ୍ରୁଦ୍ଧ ବ୍ୟକ୍ତିଙ୍କର କାର୍ଯ୍ୟାକାର୍ଯ୍ୟ ଜ୍ଞାନ ରହେନାହିଁ । ଏହି କାର୍ଯ୍ୟାକାର୍ଯ୍ୟବୋଧର ଅଭାବହିଁ ସମ୍ମୋହ (ମୋହ) । ମୋହାଚ୍ଛନ୍ନ ପୁରୁଷର ଗୁରୁ ବା ଶାସ୍ତ୍ରୋପଦେଶ ବିଷୟକ ସ୍ମରଣ ଶକ୍ତି ଲୋପ ହୁଏ । ସ୍ମରଣଶକ୍ତି ଲୋପରେ କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଣ୍ଣୟର କ୍ଷମତା ରହେ ନାହିଁ । ଯେ କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଣ୍ଣୟରେ ଅକ୍ଷମ, ସେ ମନୁଷ୍ୟତ୍ୱ ହରାଇ ପଶୁତ୍ୱ ପ୍ରାପ୍ତହୁଏ । ଏହାହିଁ ବିନାଶ । (୨-୬୨, ୬୩ ଗୀତା)

ଗୀତାରେ ଯେପରି ବିଷୟ ଧ୍ୟାନରୁ ବିନାଶ ପର୍ଯ୍ୟନ୍ତ ଅବରୋହଣ ପ୍ରକ୍ରିୟା ଦର୍ଶାଯାଇଅଛି ସେହିପରି ଆଚାର୍ଯ୍ୟ ଶଙ୍କର ଏହି ପରିଚ୍ଛେଦରେ ସତ୍‌ସଙ୍ଗରୁ ଜୀବନ୍ମୁକ୍ତ ପୁରୁଷ ପର୍ଯ୍ୟନ୍ତ ଆରୋହଣ ପ୍ରକ୍ରିୟା ଦର୍ଶାଇଅଛନ୍ତି ।

କୂର୍ମ ଯେପରି ତାହାର ଅଙ୍ଗଗୁଡ଼ିକ ବାହାରକୁ ବାହାର କରି ଗତିକରେ ସେହିପରି ଆମର ଇନ୍ଦ୍ରିୟଗୁଡ଼ିକ, ମନ ସହ ସବୁବେଳେ ବିଷୟଭୋଗ ପ୍ରତି ଆକର୍ଷିତ ହୁଅନ୍ତି । ବିଷୟର ଦର୍ଶନ ବା ସ୍ମରଣ ମନରେ ଆବେଗ ସୃଷ୍ଟି କରି ବିଷୟଭୋଗ ପ୍ରତି ମନ ଚଞ୍ଚଳ କରାଏ । ଆଘାତ ପାଇଲେ କୂର୍ମ ଯେପରି ତାହାର ଅଙ୍ଗଗୁଡ଼ିକୁ ଖୋଲପା ଭିତରକୁ ଟାଣିଆଣେ ସେହିପରି ବିଷୟପ୍ରତି ଆକର୍ଷିତ ହେଉଥିବା ଇନ୍ଦ୍ରିୟମାନଙ୍କୁ ଅନ୍ତର୍ମୁଖୀ କରିବା ବିଷୟ ସମସ୍ତ ଶାସ୍ତ୍ରର ଉପଦେଶ । ଏହା ସତ୍‌ସଙ୍ଗଦ୍ୱାରା କେବଳ ସମ୍ଭବ । ଉତ୍ତମ ଏବଂ ସାଧୁ ଲୋକମାନଙ୍କ ସହ ସଙ୍ଗହେବା, ସ୍ୱାଧ୍ୟାୟ, ଈଶ୍ୱରଚିନ୍ତା, ସତ୍‌କାର୍ଯ୍ୟ ଇତ୍ୟାଦିଦ୍ୱାରା ଆମର ବିଷୟସୁଖ ପ୍ରତି ଅନୁରାଗ (ରାଗ)ର ମାତ୍ରା କମ୍ ହୁଏ । ଈଶ୍ୱର ଭକ୍ତମାନଙ୍କ ସଙ୍ଗ ଫଳରେ ଏବଂ ସର୍ବଦା ଈଶ୍ୱର ଚିନ୍ତନଦ୍ୱାରା ଆମର ଚତୁର୍ଦ୍ଦିଗରେ ଯେଉଁ ଦୃଢ଼ ଆବରଣ ସୃଷ୍ଟି ହୁଏ, ତାହାର ଫଳରେ ସଂସାରର ଅସତ୍ ଚାକଚକ୍ୟ, ଆମକୁ ଆକର୍ଷିତ କରିପାରେ ନାହିଁ । ଇନ୍ଦ୍ରିୟଗୁଡ଼ିକୁ ଅନ୍ତର୍ମୁଖୀ କରି ବାହ୍ୟ ଆକର୍ଷଣରୁ ମନର ନିବୃତ୍ତି ଫଳରେ ଆମେ 'ନିସ୍‌ସଙ୍ଗତ୍ୱ' ପ୍ରାପ୍ତହେଉ ।

କାମ, କ୍ରୋଧ, ଲୋଭକୁ ଶାସ୍ତ୍ରରେ ନରକର ଦ୍ୱାର କୁହାଯାଇଅଛି । ଏଗୁଡ଼ିକ ଆମକୁ ମୋହ ଅବସ୍ଥାରେ ପକାଇ କର୍ତ୍ତବ୍ୟାକର୍ତ୍ତବ୍ୟ ଜ୍ଞାନ ହରାଇ ଦିଅନ୍ତି । ଆମେ

ବିବେକ ହରାଇ ନାନା ପ୍ରକାର କୁକାର୍ଯ୍ୟ କରୁ ଏବଂ ସେଥିରୁ ସାମୟିକ ସୁଖ ପାଉ । ଅନ୍ତରରୁ ଆସକ୍ତିର ବିନାଶ ଫଳରେ ଆଉ ମୋହ ଅବସ୍ଥା ପ୍ରାପ୍ତ ହୁଏ ନାହିଁ । ସଂସାରର ବିଷୟ ସୁଖପ୍ରଦ ନହୋଇ, ଆମେ ଅଭ୍ୟନ୍ତରରୁ ଆନନ୍ଦ ପାଉ । ଏହା ମୋହର ବିନାଶ ଅବସ୍ଥା ବା ନିର୍ମୋହତ୍ୱ । ମୋହ ନଷ୍ଟ ହେବା ଫଳରେ ଆମର ଚିତ୍ତର ସ୍ଥିରତା ଆସେ । ଏହି ଅବସ୍ଥାରେ ମନର ଚାଞ୍ଚଲ୍ୟ ରହେନାହିଁ । ଯେପରି ଅନେକ ନଦୀ ସମୁଦ୍ରରେ ପଡ଼ିଲେ ମଧ୍ୟ ସମୁଦ୍ର ସ୍ଥିର ଓ ଶାନ୍ତ ରହେ ଏବଂ ଅବସ୍ଥାର କିଛି ପରିବର୍ତ୍ତନ ହୁଏ ନାହିଁ, ସେହିପରି କୌଣସି ଚିନ୍ତା ବା ଭାବନାରେ ମନ ଅସ୍ଥିର ନ ହୋଇ ସ୍ଥିର ଓ ଶାନ୍ତ ରହେ । ଏହି ଅବସ୍ଥାକୁ 'ନିଶ୍ଚଳତ୍ୱ' କୁହାଯାଏ । ଅନ୍ୟ ପ୍ରକାର ପାଠରେ 'ନିଶ୍ଚଳତତ୍ତ୍ୱ' ସ୍ଥାନରେ ନିଶ୍ଚଳତ୍ୱ ପାଠ ଦେଖିବାକୁ ପାଉ । ଏକାଗ୍ରଚିତ୍ତରେ ମନ କେବଳ ଭଗବାନଙ୍କଠାରେ ଲାଗି ରହିବାକୁ 'ନିଶ୍ଚଳତତ୍ତ୍ୱ' କୁହାଯାଏ । ଏହି ଅବସ୍ଥାରେ ସମସ୍ତ ବସ୍ତୁ ଏବଂ ପ୍ରାଣୀମାନଙ୍କରେ ଏକ ବ୍ରହ୍ମଭାବନା ଜ୍ଞାନ ହୁଏ ଏବଂ ଜଗତ ଆନନ୍ଦମୟ ଲାଗେ । ଆମେ ଯେ ସେହି ଆନନ୍ଦ ସ୍ୱରୂପ ପରମାତ୍ମା ଏହି ଜ୍ଞାନ ଉପଲବ୍ଧ ହୁଏ । ଏହା ଜୀବିତ ଅବସ୍ଥାରେ ମୁକ୍ତ ବା 'ଜୀବନ୍ମୁକ୍ତ' ଅବସ୍ଥା । ତେଣୁ ହେ ମୂଢ଼ ! ସତ୍‌ସଙ୍ଗପୂର୍ବକ ମନକୁ ଅନ୍ତର୍ମୁଖୀ କରି ଜୀବନ୍ମୁକ୍ତିର ଆନନ୍ଦ ପ୍ରାପ୍ତି ଲକ୍ଷ୍ୟରେ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ବୟସି ଗତେ କଃ କାମବିକାରଃ**
**ଶୁଷ୍କେ ନୀରେ କଃ କାସାରଃ ।**
**କ୍ଷୀଣେ ବିତ୍ତେ କଃ ପରିବାରୋ**
**ଜ୍ଞାତେ ତତ୍ତ୍ୱେ କଃ ସଂସାରଃ ।। ୧୦ ।।**

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ବୟସ ଗଡ଼ିଗଲା ପରେ କାମ ଲାଳସାର ଉଚ୍ଛୃଙ୍ଖଳତା କେଉଁଠାରେ ଥାଏ ? ଜଳ ଶୁଖିଗଲାପରେ ଜଳାଶୟ (କାସାର)ର ମୂଲ୍ୟ କ'ଣ ? ଧନ ସଂପତ୍ତି କ୍ଷୟ ହେବାପରେ ପରିବାରର ସ୍ଥିତି ଅବା କ'ଣ ? ସେହିପରି ଆତ୍ମତତ୍ତ୍ୱ ବୋଧ ହେବାପରେ ସଂସାର ବା କ'ଣ ?

ବ୍ୟାଖ୍ୟା—କାରଣର ପରିସମାପ୍ତିରେ କାର୍ଯ୍ୟର ସ୍ଥିତି ରହେନାହିଁ । କାମର ଉନ୍ମାଦନା, ଯୁବକ ଯୁବତୀ ଅବସ୍ଥାରେ ଯେପରି ରହେ ବୟସ ଗଡ଼ିଗଲା ପରେ ଆଉ ରହେନାହିଁ । କାରଣ ଦୂର ହେଲେ କାର୍ଯ୍ୟ ଶାନ୍ତ ପଡ଼ିଯାଏ । ଜଳଥିବାବେଳେ

କେବଳ ଜଳାଶୟର ମୂଲ୍ୟ ରହେ । କେବଳ ଶୁଷ୍କ ଜଳଶଯ୍ୟା, ପୁଷ୍କରିଣୀର କାର୍ଯ୍ୟ କରେନାହିଁ । ବାସନା ପୂର୍ଣ୍ଣ ମନରେ ନାନାପ୍ରକାର ଚିନ୍ତା ଜାତ ହୋଇ ଆମେ ସଂସାରରେ ବ୍ୟସ୍ତରହୁ ଓ ଆମର ସୁଖଭୋଗର ଇଚ୍ଛା ପ୍ରବଳ ହୁଏ । ଯେତେବେଳେ ଲାଳସା ନଷ୍ଟହୁଏ, ଆଉ ସୁଖ ଦୁଃଖ ଭାବନା ରହେନାହିଁ । ପରିବାର ମଧ୍ୟ ଧନର ସାଥୀ । ପରିବାର ଚଳାଇବାପାଇଁ ଧନ ଆବଶ୍ୟକ । ଯେତେବେଳେ ଧନ ବୈଭବ କ୍ଷୀଣ ହୋଇଯାଏ ପରିବାରର ମୂଲ୍ୟ ମଧ୍ୟ ରହେନାହିଁ । ବିତ୍ତ ଉପାର୍ଜନର ଶକ୍ତି ନଥିଲେ ପରିବାରର କେହି ପଚାରନ୍ତି ନାହିଁ । ଯେ ଯାହାର ମାର୍ଗ ଧରନ୍ତି ବା ଅସୁବିଧାରେ ପଡ଼ି ପରିବାର ନଷ୍ଟ ହୋଇଯାଏ ।

ଉପରୋକ୍ତ ତିନିଗୋଟି ଦୃଷ୍ଟାନ୍ତ ଦ୍ୱାରା ଆଚାର୍ଯ୍ୟ ଶଙ୍କର କାର୍ଯ୍ୟ-କାରଣର ସମ୍ବନ୍ଧ ଦର୍ଶାଇ ସତ୍ୟ ଉପଲବ୍ଧ ହେଲେ, ସଂସାର ଚିନ୍ତା ନ ରହିବା ବିଷୟ ଉପସ୍ଥାପନ କରୁଅଛନ୍ତି । ଅର୍ଦ୍ଧସ୍ଫୁଟ ଆଲୋକରେ ପଡ଼ିଥିବା ଗୋଟିଏ ପାଳ ଦଉଡ଼ିକୁ ଦେଖି ଆମର ମନରେ ସାପର ଭୟ ଜାତ ହୁଏ । ଯେଉଁ ପର୍ଯ୍ୟନ୍ତ ଆମେ ତାହା ଗୋଟିଏ ଦଉଡ଼ି ବୋଲି ଜାଣିନାହେଁ, ପ୍ରକୃତ ସାପ, ଆମ ଭିତରେ ଯେଉଁ ଭୟ ଜାତ କରାଏ, ତାହା ସୃଷ୍ଟି ହୋଇଥାଏ । ଯେତେବେଳେ ଆମେ ତାହା ଗୋଟିଏ ଦଉଡ଼ି ମାତ୍ର ବୋଲି ଜାଣୁ, ଆଉ ସେପରି ଭୟ ରହେନାହିଁ । ସେହିପରି ତତ୍ତ୍ୱଜ୍ଞାନ ଉପଲବ୍ଧ ହେବା ପରେ ଆଉ ସଂସାର ପ୍ରତି ଆସକ୍ତି ରହେନାହିଁ । ତତ୍ତ୍ୱଜ୍ଞାନୀ ବଡ଼ ଭାଗ୍ୟବାନ୍ । ସମସ୍ତ କାର୍ଯ୍ୟ ସମ୍ପନ୍ନ କରୁଥାନ୍ତି । କିନ୍ତୁ କେଉଁଠି ଲିପ୍ତ ରହନ୍ତି ନାହିଁ । ଅହଂକାର (ମୁଁ ଭାବ) ଲୋପ ହୋଇ ସର୍ବତ୍ର ଏକ ଚିତ୍ ସତ୍ତା ଅନୁଭବ କରନ୍ତି । ଏହା ଜୀବନ୍ମୁକ୍ତ ଅବସ୍ଥା । ଆନନ୍ଦରେ ଜୀବନ ଅତିବାହିତ କରନ୍ତି । ବ୍ରହ୍ମଜ୍ଞ, ବ୍ରହ୍ମରେ ପରିଣତ ହୋଇଯାନ୍ତି । ତେଣୁ ହେ ମୂଢ଼ ! ସର୍ବଦା ବ୍ରହ୍ମ ଚିନ୍ତାକରି ଗୋବିନ୍ଦଙ୍କ ଭଜନ କର ।

**ମା କୁରୁ ଧନଯୌବନଗର୍ବଂ**
**ହରତି ନିମେଷାତ୍ କାଳଃ ସର୍ବମ୍ ।**
**ମାୟାମୟମିଦମଖିଳଂହିତ୍ୱା**
**ବ୍ରହ୍ମପଦଂ ପ୍ରବିଶାସୁ ବିଦିତ୍ୱା ।। ୧୧ ।।**
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ଧନ, ଜନ, ଯୌବନର ଗର୍ବ କରନାହିଁ । ନିମିଷକ ମଧ୍ୟେ କାଳ ଏହି ସବୁ ହରଣ କରି ନେଇଯାଏ । ଏହି ସମସ୍ତ ମାୟାମୟ ବିଷୟ ପ୍ରପଞ୍ଚକୁ

ତ୍ୟାଗକରି ବ୍ରହ୍ମପଦ ପ୍ରାପ୍ତି ଅର୍ଥାତ୍ ପରମାତ୍ମାରେ ପ୍ରବେଶ କରିବା ଜ୍ଞାନ ପ୍ରାପ୍ତ କର ।

ବ୍ୟାଖ୍ୟା—ଶରୀର, ମନ ଓ ବୁଦ୍ଧି ଦ୍ୱାରା ଆମେ ସଂସାର ସହ ସମ୍ବନ୍ଧ ସ୍ଥାପନ କରୁ । ଧନ, କୁଟୁମ୍ବ, ଶକ୍ତି ଇତ୍ୟାଦି ନେଇ ଗର୍ବ କରୁ ଏବଂ ଆସ୍ଥାନ ଜନ୍ମାଇ ଭୋଗ ଇଚ୍ଛାକରୁ । ଆମେ ଯେଉଁ ଧନ, ଜନ, ଯୌବନ ନେଇ ଉନ୍ମତ୍ତ ହେଉଅଛେ ବେଶି ଦିନ ରହେ ନାହିଁ । କୌଣସି ପର୍ବତ ଉପରୁ ନିର୍ଗତ ହେଉଥିବା ଝରଣାର ଜଳ ଯେପରି ଶୀଘ୍ର ଗଡ଼ିକରି ନିମ୍ନକୁ ଚାଲିଯାଏ, ସେହିପରି ଯୌବନ ଚଞ୍ଚଳ ଚାଲିଯାଏ । ଲକ୍ଷ୍ମୀ (ଧନ) ଚଞ୍ଚଳା । କାହାରିଠାରେ ଦୀର୍ଘ ଦିନ ରହନ୍ତି ନାହିଁ । ଲୋକମର୍ଯ୍ୟାଦା, ପରିବାର, ଶକ୍ତି ଇତ୍ୟାଦି ଯାହା 'ଜନ' ପଦବାଚ୍ୟ ସବୁବେଳେ ରହେ ନାହିଁ । ଧନ, ଜନ, ଯୌବନର ପରିଣାମ ଜ୍ଞାନୀ ବୁଝିପାରନ୍ତି । କିନ୍ତୁ ମୂର୍ଖ ଏହି ବିଷୟଗୁଡ଼ିକୁ ନେଇ ଧରାକୁ ସରା ଜ୍ଞାନ କରେ । ବିଷୟର ମୋହରେ ପଡ଼ି ଜୀବନ ତମାମ ସୁଖ ପାଇବାର ଇଚ୍ଛା କରେ । କିନ୍ତୁ ସୁଖ ପାଏ ନାହିଁ । ବିଷୟଭୋଗରୁ ଯେଉଁ ସୁଖପାଏ ତାହା କ୍ଷଣିକ ଏବଂ ନାଶବାନ୍ । ପରମାତ୍ମାଙ୍କଠାରେ ମନ ରହିଲେ କେବଳ ପ୍ରକୃତ ସୁଖ ବା ଆନନ୍ଦ ପ୍ରାପ୍ତି ହୁଏ । ଯୋଗୀ, ଋଷିମାନେ ଏହି ଆନନ୍ଦ ଅନୁଭବ କରିପାରନ୍ତି । ସଂସାରୀ, ସର୍ବଦା ବିଷୟ ସୁଖରେ ଘାଣ୍ଟି ହୋଇ ସୁଖଭୋଗ ଆଶାରେ ହତାଶାରେ ଜୀବନ ଅତିବାହିତ କରନ୍ତି ।

ସୀତା, ଯେପରି ସୁବର୍ଣ୍ଣ ମାୟାମୃଗ ଦେଖି ମୋହିତ ହୋଇ ରାମଙ୍କଠାରୁ ମନକୁ ହଟାଇ ନେଲେ ସେହିପରି ଆମେ ମୋହରୁ ସଂସାରର ମିଥ୍ୟାମାୟାରେ ପଡ଼ି ଆମର ମନକୁ ଶାଶ୍ୱତ ସୁଖରୁ ହଟାଇ ନେଉଅଛେ । ଏହାର ଫଳରେ କ୍ଷଣିକ ସୁଖ ପାଇ ସମସ୍ତ ସମୟ ଦୁଃଖ ଏବଂ ନୈରାଶ୍ୟରେ ଅତିବାହିତ କରୁଅଛେ । ତେଣୁ ହେ ମୂଢ଼ ! ଧନ, ଜନ, ଯୌବନର ଗର୍ବ ନ କର ସର୍ବଦା ବ୍ରହ୍ମଚିନ୍ତାରେ ରମଣ କରି ଗୋବିନ୍ଦଙ୍କ ଭଜନ କର ।

ଦିନଯାମିନ୍ୟୌ ସାୟଂପ୍ରାତଃ
ଶିଶିରବସନ୍ତୌ ପୁନରାୟାତଃ ।
କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁ-
ସ୍ତଦପି ନ ମୁଞ୍ଚତ୍ୟାଶାବାୟୁଃ ॥ ୧୨ ॥
(ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ... ...)

ଦିନ ଏବଂ ରାତି, ସାୟଂକାଳ ଓ ପ୍ରାତଃକାଳ, ଶିଶିର ଏବଂ ବସନ୍ତ ବାରଂବାର ଆସେ । ଏହି ପ୍ରକାରେ କାଳର ଲୀଳା ହୋଇ ଆୟୁ ଶେଷ ହୋଇଯାଏ । କିନ୍ତୁ ଆଶାରୂପୀ ବାୟୁ ଛାଡ଼େ ନାହିଁ ।

ବ୍ୟାଖ୍ୟା—କାନ୍ଥ ଘଣ୍ଟାର ସେକେଣ୍ଡ ଓ ମିନିଟ କଣ୍ଟାକୁ ସ୍ଥିର ଭାବେ କିଛି ସମୟ ଲକ୍ଷ୍ୟ କରନ୍ତୁ । ଟିକ୍ ଟିକ୍ ଶବ୍ଦ ସହ ସମସ୍ତ କିପରି ତୀବ୍ର ଗତିରେ ଚାଲୁଅଛି ଅନୁମାନ କରନ୍ତୁ । ଏହିପରି ଭାବେ ପ୍ରତି ସେକେଣ୍ଡ ସହ ଆମର ଆୟୁ ଶେଷ ହୋଇ ଆସୁଛି । ଯେତେ ସମୟ ଅତିବାହିତ ହେଉଅଛି ଆମେ ସେତେ ମରଣର ନିକଟରୁ ନିକଟତର ହୋଇ ଆସୁଅଛେ ।

ଦିନ ଶେଷ ହୋଇ ରାତି ହୋଇଯାଏ । ପୁନର୍ବାର ରାତି ଶେଷ ହୋଇ ଦିନ ହୋଇଯାଏ । ସକାଳେ ଏବେ ଶଯ୍ୟାତ୍ୟାଗ କରିଥିଲେ, ପୁନର୍ବାର ସନ୍ଧ୍ୟା ଆସିଗଲାଣି । ରାତିରେ ଅଳ୍ପକିଛି ସମସ୍ତ ଶୟନ କଲାପରେ ଅନ୍ୟଦିନର ପ୍ରାତଃକାଳ ଆସି ଯାଉଛି । ଶିଶିର ପରେ ବସନ୍ତ, ଏହିପରି ଛଅଗୋଟି ଋତୁ ମଧ୍ୟ କେତେ ଚଞ୍ଚଳ ବେଗ ହୋଇ ଏକ ବର୍ଷ ସମସ୍ତ ଶେଷ ହୋଇ ଯାଉଛି । ଭବିଷ୍ୟତ୍, ବର୍ତ୍ତମାନରେ ପରିଣତ ହୋଇ ଗତ ହୋଇ ଯାଉଛି । ସମସ୍ତ ଅବାଧ ଓ କ୍ଷିପ୍ରଗତିରେ ଚାଲିଅଛି । ଅଜ୍ଞାନୀ କିଛି ବୁଝୁନାହିଁ । ଚିରଦିନ ବଞ୍ଚିରହିବା ଭାବନା କରି ସୁଖ ସାମଗ୍ରୀ ସଂଗ୍ରହ କରିବାରେ ଲାଗି ପଡ଼ିଅଛି । ଜଳର ବୁଦ୍‌ବୁଦ୍ ଭଳି ଏହି ଜୀବନ ଯେ କେତେବେଳେ ଚାଲିଯିବ ବୁଝି ପାରୁନାହିଁ । ସମସ୍ତ ଭୋଗ ସାମଗ୍ରୀ ଯେପରି ସେପରି ରହି, ଏହି ସଂସାରରୁ ଚାଲି ଯିବାପାଇଁ ଆଉ କେତେଦିନ ରହିଲା ଜାଣି ପାରୁନାହିଁ । ଜୀବନର ଭଟ୍ଟା ଉପସ୍ଥିତ ହେଲାଣି କିନ୍ତୁ ଆଶା ଛାଡ଼ୁନାହିଁ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଶା ଲାଗି ରହିଛି । ତେଣୁ ହେ ମୂଢ଼ ! ସଂସାରର ଏହି ନାଶବାନ୍ ସୁଖ ପାଇବା ଆଶା ତ୍ୟାଗ କରି ଶାଶ୍ୱତ ଚିନ୍ତା କର । ନିଜର ସ୍ୱରୂପ ଏବଂ ବ୍ରହ୍ମ ଚିନ୍ତାକରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

କା ତେଽଷ୍ଟାଦଶଦେଶେ ଚିନ୍ତା
ବାତୁଳ କିଂ ତବ ନାସ୍ତି ନିୟନ୍ତା ।
ଯସ୍ତ୍ୱାଂ ହସ୍ତେ ସୁଦୃଢ଼ନିବଦ୍ଧଂ
ବୋଧୟତି ପ୍ରଭବାଦିବିରୁଦ୍ଧମ୍ ॥ ୧୩ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ......)

ହେ ପାଗଳ, କାହିଁକି ଏ ଅଠର ପ୍ରକାର ଚିନ୍ତା କରୁଅଛ ? ତୁମର କେହି ଏପରି ଶାସକ ନାହାନ୍ତି କି ଯେ ତୁମକୁ ଦୃଢ଼ ମୁଷ୍ଟିରେ ଧରି ରଖିଅଛନ୍ତି ? ସେ ତୁମର ପ୍ରବୋଧ ଜାତ କରାଇ ଜନ୍ମ-ମରଣାଦି ବିକାର ରହିତ ଆତ୍ମତତ୍ତ୍ୱକୁ ବୋଧ କରାଇଦେବେ ।

ବ୍ୟାଖ୍ୟା—ନାନାପ୍ରକାର ଚିନ୍ତାରେ ଆମେ ବାଉଳ । ଆଜି ଏହା ପାଇଲି, ଏହି ମନୋରଥ ପୂର୍ଣ୍ଣ ହେଲା, ଆଗକୁ ଆହୁରି ଧନ ଉପାର୍ଜନ କରିବି । ଆଜି ଏହି ଶତ୍ରୁକୁ ବିନାଶ କଲି, ମୁଁ ଭୋଗୀ, ମୁଁ ପ୍ରତିଷ୍ଠାବାନ୍, ମୋ ଭଳି କିଏ ନାହିଁ । ଏପରି ଅନେକ ପ୍ରକାର ଚିତ୍ତ ବିଭ୍ରାନ୍ତ ହୋଇ ଜୀବ, ମୋହ ଜାଲରେ ପଡ଼ିଥାଏ । ଯଦି ଧନ ସଂଗ୍ରହ ନ କରିବି କିପରି ଚଳିବି ? ପିଲାମାନଙ୍କ ଅବସ୍ଥା କଣ ହେବ ? ଧନ ନଥିଲେ ସଂସାରରେ କେହି ପଚାରିବେ ନାହିଁ । ଏହିପରି ନାନାପ୍ରକାର ଚିନ୍ତାରେ ହତାଶ ହୋଇ କାଳାତିପାତ କରନ୍ତି ।

ଏହିପରି କେବଳ ବୃଥାଚିନ୍ତା ଦ୍ୱାରା ଜୀବନରେ କିଛି କାର୍ଯ୍ୟ ହୁଏନାହିଁ । ଆହୁରି ମନରେ ଏହିପରି ହତାଶ ଭାବନା ଦ୍ୱାରା ଆମର କ୍ଷତି ଘଟେ । ଶକ୍ତିର ଅପଚୟ ହୁଏ । କୌଣସି ପରିସ୍ଥିତିକୁ ଦୃଢ଼ଭାବେ ସମ୍ମୁଖୀନ ହୋଇପାରନ୍ତି ନାହିଁ ।

ନିଜେ ନିଜର କର୍ତ୍ତାଜ୍ଞାନରେ ଏହି ଅବସ୍ଥା । ଈଶ୍ୱର ବିଶ୍ୱାସ ଅଭାବରୁ ଆତ୍ମ ସନ୍ତୋଷ ଲାଭ କରିପାରନ୍ତି ନାହିଁ । ଯିଏ ଜନ୍ମ ଦେଇଛନ୍ତି ସେ ଯେ ଚଳାଇବାର ମାର୍ଗ ଦେବେ, ବିଶ୍ୱାସରେ ଆସେ ନାହିଁ । ଭଗବାନ୍ କହୁଛନ୍ତି—ଯେ ଅନ୍ୟ କୌଣସି ବିଷୟ ଚିନ୍ତା ନକରି ଆମ୍ଭଠାରେ କେବଳ ମନୋନିବେଶ କରନ୍ତି ତାହାଙ୍କର 'ଯୋଗ' ଓ 'କ୍ଷେମ' ଆମ୍ଭେ ରକ୍ଷା କରିଥାଉଁ (୯-୨୨ ଗୀତା) । ଅପ୍ରାପ୍ତବସ୍ତୁର ପ୍ରାପ୍ତିକୁ ଯୋଗ ଏବଂ ପ୍ରାପ୍ତବସ୍ତୁର ସୁରକ୍ଷାକୁ କ୍ଷେମ କୁହାଯାଏ । ତାହାବୋଲି କିଛି କର୍ମ ନକରି ବସି ରହିଲେ ଚଳିବ ନାହିଁ । ସମସ୍ତ କର୍ମ କର୍ତ୍ତବ୍ୟ ଜ୍ଞାନରେ କରି ଫଳାଫଳ ଈଶ୍ୱରଙ୍କୁ ଛାଡ଼ିଦେବା ଉଚିତ । କର୍ମରେ କେବଳ ଆମର ଅଧିକାର, ଫଳରେ ନାହିଁ । ଭଗବାନ୍ ନିଜେ ଅନନ୍ୟ ଭକ୍ତଙ୍କର ପ୍ରାପ୍ତବସ୍ତୁର ସୁରକ୍ଷା ଏବଂ ଇଚ୍ଛା କରିବା ବସ୍ତୁକୁ ଯୋଗାଇ ଦେବାର ଭାର ବହନ କରନ୍ତି । ଏହି ବିଶ୍ୱାସର ଅଭାବରୁ ଆମେ ଶକ୍ତିହରା ହୋଇ ସମସ୍ତ ପ୍ରକାର ଦୁଃଖରେ କାଳାତିପାତ କରୁଅଛେ । ନିଜକୁ କେବଳ ଶକ୍ତିମାନ୍ ମନେ କରି ଏହି ସମସ୍ତ ପ୍ରକାର ଦୁଃଖ ଓ ଅଶାନ୍ତି ।

ହେ ବାଉଳ, ତୁମର ଜଣେ ପରମପିତା ଏବଂ ଶାସକ ଅଛନ୍ତି ବୋଲି ବିଶ୍ୱାସ କର । ସେ ତୁମର ସମସ୍ତ ବିଷୟ ବୁଝୁଛନ୍ତି । ତୁମେ ଜନ୍ମ-ମରଣ ରହିତ ଆନନ୍ଦ ସ୍ୱରୂପ

ଆତ୍ମା । ଅନନ୍ୟଭାବେ ଭଗବାନଙ୍କଠାରେ ଶରଣାପନ୍ନ ହେଲେ ଏବଂ ଭଗବତ୍ ବିଶ୍ୱାସରେ ଦୃଢ଼ ରହିଲେ ସେ ଆଲୋକ ପ୍ରଦାନ କରିବେ । ତେଣୁ ହେ ମୂଢ଼ ! ସମସ୍ତ ଚିନ୍ତା ତ୍ୟାଗକରି ଆନନ୍ଦ ମନରେ ଗୋବିନ୍ଦଙ୍କ ଭଜନ କର ।

**ଜଟିଲୋ ମୁଣ୍ଡୀ ଲୁଞ୍ଛିତକେଶଃ**
**କାଷାୟାମ୍ବରବହୁକୃତବେଶଃ ।**
**ପଶ୍ୟନ୍ନପି ନ ଚ ପଶ୍ୟତି ଲୋକୋ**
**ହ୍ୟୁଦରନିମିତ୍ତଂ ବହୁକୃତଶୋକଃ ॥ ୧୪ ॥**
**(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... )**

କେହି ଜଟାଧାରୀ ହୋଇ, କେହି ମୁଣ୍ଡିତ ମସ୍ତକ ହୋଇ, କେହି କେଶ ବଢ଼ାଇ, କେହି କଷାୟ ବସ୍ତ୍ର ପରିଧାନ କରି ବହୁପ୍ରକାର ବେଶ ଧାରଣ କରନ୍ତି । ଦେଖିଲେ ମଧ୍ୟ ନ ଦେଖିବାଭଳି ଅଭିନୟ କରନ୍ତି । ଏ ସବୁ ପେଟ ପାଳନ ପାଇଁ ବହୁପ୍ରକାର ଶୋକ କରନ୍ତି ।

ବ୍ୟାଖ୍ୟା—ଶଙ୍କରାଚାର୍ଯ୍ୟ ନିଜେ ସନ୍ନ୍ୟାସୀ ହୋଇ ମଧ୍ୟ ସନ୍ନ୍ୟାସୀ ରୂପଧାରୀ ଭଣ୍ଡମାନଙ୍କୁ ଏଠାରେ ଭର୍ତ୍ସନା କରୁଅଛନ୍ତି । କେତେ ସାଧୁଶ୍ରେଣୀ ଭୁକ୍ତହୋଇ ଜଟାଧାରୀ ହୋଇ ବୁଲୁଛନ୍ତି । କେହି ମୁଣ୍ଡିତ (ଲଣ୍ଡା) ମସ୍ତକ ଏବଂ କେହି କେଶ ବଢ଼ାଇ ସାଧୁବେଶ ଧାରଣ କରନ୍ତି । କେହି କଷାୟ ବସ୍ତ୍ର ଧାରଣ କରି ଆଖିବୁଜି ଧ୍ୟାନରେ ବସନ୍ତି । ଧ୍ୟାନାବସ୍ଥାରେ କିଏ ତାଙ୍କର ପୂଜା ଏବଂ ସତ୍କାର କରୁଅଛନ୍ତି ସାମାନ୍ୟ ଦେଖି ଆଖିବୁଜି ବସନ୍ତି । ସତେ ଯେପରି ଉଚ୍ଚକୋଟୀର ସାଧୁବାବା । ଆତ୍ମଜ୍ଞାନ ନଥାଏ । ଅନ୍ତଃକରଣର ପବିତ୍ରତା ନଥାଏ । ସଂସାରର ମୋହ ଛାଡ଼ି ନଥାନ୍ତି । କେବଳ ସତ୍କାର, ଧନ, ଭୋଜନ ପାଇବା ଆଶାରେ ଏହିପରି ରୂପ ଧାରଣ କରିଥାନ୍ତି । ଏପରି ଭଣ୍ଡ ସନ୍ନ୍ୟାସୀମାନେ ସାଧାରଣ ଲୋକମାନଙ୍କଠାରୁ ମଧ୍ୟ ହୀନ । ଉଦର ପୂରଣ ପାଇଁ କେବଳ ଏପରି ବେଶ ଧାରଣ କରିଥାନ୍ତି ।

ଲୋକସଂଖ୍ୟା ଯେତେବେଳେ ବହୁତ କମ୍ ଥିଲା, ସେହି ସମୟରେ ଯଦି ଏହିପରି ଲୋକମାନଙ୍କର ବର୍ଣ୍ଣନା ଦେଖାଯାଏ, ତେବେ ବର୍ତ୍ତମାନ ସମୟରେ ଏପରି ଠକ ଲୋକମାନଙ୍କର ସଂଖ୍ୟା ଯେ ପ୍ରବଳ, ଅନୁମାନ କରାଯାଇପାରେ । ସମାଜର ପ୍ରତ୍ୟେକ ସ୍ତରରେ ଏପରି ଲୋକ ଦେଖାଯାନ୍ତି । ଅଳ୍ପ ପରିଶ୍ରମ କରି ବହୁତ ଲାଭ ଓ ସୁବିଧା ଉଠାଇବା ମନୁଷ୍ୟର ପ୍ରକୃତି । ଆଳସ୍ୟ ଏବଂ କର୍ମପ୍ରବଣତାର ଅଭାବରୁ ଏପରି

ଅବସ୍ଥାର ସୃଷ୍ଟି । ମହନ୍ତ ଏବଂ ସନ୍ନ୍ୟାସୀମାନେ ମଧ୍ୟ ଏଥିରୁ ବାଦ ଯାଆନ୍ତି ନାହିଁ । ଜୀବନର କଷ୍ଟ ଅନୁଭବ କରି, ପରିବାର ପୋଷଣ କରିନପାରି, ଉଦର ପୋଷଣ ପାଇଁ କେତେକ ଏପରି ମାର୍ଗ ଅବଲମ୍ବନ କରନ୍ତି ।

ଲଙ୍କାର ରାଜା ରାବଣ ସାଧୁବେଶ ଧାରଣ କରି ଭିକ୍ଷା ଦେବାବେଳେ କୁଟୀର ଦ୍ୱାରରୁ ସୀତାଙ୍କୁ ନେଇଯିବା ବିଷୟ ଆମେ ପୁରାଣରେ ଦେଖୁ । ସେହିପରି ବର୍ତ୍ତମାନ ଯୁଗରେ ବ୍ୟବହାର ଏବଂ କଥାବାର୍ତ୍ତାରେ ସାଧୁଭାବ ପ୍ରଦର୍ଶନ କରି ସରଳ ଲୋକମାନଙ୍କୁ ଠକିବା ଲୋକମାନଙ୍କର ସଂଖ୍ୟା କମ୍ ନୁହେଁ । ଅଧିକାଂଶ ନେତା, ରାଜନୀତିଜ୍ଞ, କର୍ମଚାରୀ ଆଦି ସମାଜର ପ୍ରତ୍ୟେକ ସ୍ତରରେ ଏପରି ଲୋକ ଦେଖାଯାନ୍ତି । ନିଜର ଉଦର ପୋଷଣ, ପ୍ରତିଷ୍ଠା ଓ ଲାଭ ଆଶାରେ ଏପରି ଆଚରଣ କରନ୍ତି । ଅନେକ ସାଧୁ ଏବଂ ଧର୍ମ ପ୍ରଚାରକ ମଧ୍ୟ ଏଥିରୁ ବାଦ ନୁହଁନ୍ତି ।

ତେଣୁ ଶଙ୍କରାଚାର୍ଯ୍ୟ ଏଭଳି ଭଣ୍ଡ ସନ୍ନ୍ୟାସୀମାନଙ୍କୁ ନିନ୍ଦାକରି ସତ୍‌ଜ୍ଞାନ ଲାଭରେ ବ୍ରତୀ ହେବାପାଇଁ ନିର୍ଦ୍ଦେଶ ଦେଉଛନ୍ତି । ଅନ୍ତଃକରଣର ପବିତ୍ରତା, ବାହ୍ୟ ଆଚରଣରୁ ଜଣାଯାଏ ନାହିଁ । ବାହାରେ ସାଧୁବେଶ ଦେଖାଇ ଭିତରେ ଆବର୍ଜନା ଥିବା ମାରାତ୍ମକ । ତେଣୁ ହେ ମୂଢ଼ ! ଅନ୍ତଃକରଣର ପବିତ୍ରତା ପୂର୍ବକ ପ୍ରକୃତ ଜ୍ଞାନ ଆହରଣରେ ବ୍ରତୀ ହୋଇ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ
ଦଶନବିହୀନଂ ଜାତଂ ତୁଣ୍ଡମ୍ ।
କରଧୃତକମ୍ପିତଶୋଭିତଦଣ୍ଡଂ
ତଦପି ନ ମୁଞ୍ଚତ୍ୟାଶା ଭଣ୍ଡମ୍ ॥ ୧୫ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)

ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ ହୋଇଗଲା, ମସ୍ତକର ସମସ୍ତ କେଶ ପକ୍ୱ ହୋଇଗଲା, ପାଟିର ସମସ୍ତ ଦାନ୍ତ ପଡ଼ିଗଲା, ବାଡ଼ିଧରି ଚାଲିବାବେଳେ ଅସ୍ଥିରହୋଇ ବାଡ଼ି ରହୁନାହିଁ — ଏପରି ଅବସ୍ଥାରେ ମଧ୍ୟ ଆଶା, ପିଣ୍ଡଛାଡ଼ି ଯାଉନାହିଁ ।

ବ୍ୟାଖ୍ୟା—ଭୋଗ ସାମଗ୍ରୀର ଉପଭୋଗର ବାସନା ପ୍ରବଳ ଭାବେ ମୃତ୍ୟୁ ପର୍ଯ୍ୟନ୍ତ ରହେ । ଦେହରେ ଶକ୍ତିଥିବା ପର୍ଯ୍ୟନ୍ତ ଏହା ପ୍ରାକୃତିକ । କିନ୍ତୁ ଶକ୍ତି ନଥାଇ ଉପଭୋଗର ବାସନା ଦୟନୀୟ । ବୟସ ବଢ଼ିବା ସଙ୍ଗେ ସଙ୍ଗେ କାମନାର ବୃଦ୍ଧି ଘଟିଥାଏ । ଅସହାୟ ଅବସ୍ଥାରେ ଧନ ସଞ୍ଚୟ ଓ ବଞ୍ଚିବାର ଆଶା ପ୍ରବଳ ହୁଏ ।

ଏହି ପରିଚ୍ଛେଦରେ ଶଙ୍କରାଚାର୍ଯ୍ୟ, ଯୁବକ ଅବସ୍ଥାରୁ ବୃଦ୍ଧାବସ୍ଥାରେ ପରିଣତ ହେବା ଅବସ୍ଥାକୁ ସୁନ୍ଦରଭାବେ ବର୍ଣ୍ଣନା କରିଅଛନ୍ତି । ବୃଦ୍ଧାବସ୍ଥାରେ ଶରୀରର ପରିବର୍ତ୍ତନ ସଙ୍ଗେ ସଙ୍ଗେ କ୍ରମେ କ୍ରମେ ସମସ୍ତ କେଶ ପକ୍ୱ ହୋଇଯାଏ । ଦାନ୍ତ ପଡ଼ିବା ଆରମ୍ଭ ହୋଇ କ୍ରମେ କ୍ରମେ ସମସ୍ତ ଦାନ୍ତ ପଡ଼ିଯାଏ ଏବଂ କହିବା କଥା ସ୍ପଷ୍ଟ ହୁଏ ନାହିଁ । ମେରୁଦଣ୍ଡ ଦୁର୍ବଳ ହୋଇ ସିଧାଭାବେ ଚାଲିହୁଏ ନାହିଁ । ବାଡ଼ି ଧରି ସିଧା ଚାଲିବାକୁ ଚେଷ୍ଟାକଲେ ମଧ୍ୟ ଶରୀରର ଦୁର୍ବଳତା ହେତୁ ବାଡ଼ି ଅସ୍ଥିର ରହେ ନାହିଁ । ଶରୀରର ଏପରି ଦୟନୀୟ ଅବସ୍ଥା ହୁଏ ।

ଆଶା ବଳବତୀ । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଶାଛାଡ଼େ ନାହିଁ । ଅର୍ଥ ସଞ୍ଚୟର ବାସନା ଆହୁରି ବଳବତ୍ତର ହୁଏ ଏବଂ ଭୋଗ ବାସନା ଲୋପ ହୁଏନାହିଁ । କଷ୍ଟରେ ବଞ୍ଚିଲେ ମଧ୍ୟ ଆହୁରି ବଞ୍ଚିବାର ଆଶା ସମସ୍ତଙ୍କର ରହେ । ବେଦାନ୍ତ ବାକ୍ୟଗୁଡ଼ିକୁ ମନନ କରି ସର୍ବଦା ଭଗବାନଙ୍କଠାରେ ମନରଖିଲେ ଏହି ବଳବତୀ ଆଶା କିଛି ପରିମାଣରେ ମ୍ଳାନ ପଡ଼ିପାରେ । ଏହି ଆଶାର ବିନାଶ ନ ହେବା ହେତୁ ଆମକୁ ପୁନର୍ବାର ଜନ୍ମ-ମରଣ ଚକ୍ର ଦେଇ ଗତି କରିବାକୁ ପଡ଼େ । ମୋକ୍ଷ ପ୍ରାପ୍ତି ହୁଏ ନାହିଁ । ତେଣୁ ହେ ମୂଢ଼ ! ନିତ୍ୟ ଆନନ୍ଦ ସ୍ୱରୂପ ବ୍ରହ୍ମସତ୍ତା ପ୍ରାପ୍ତି ଲକ୍ଷ୍ୟରେ ଆଶା ତ୍ୟାଗକରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ଅଗ୍ରେ ବହ୍ନିଃ ପୃଷ୍ଠେ ଭାନୁ
ରାତ୍ରୌ ଚିବୁକସମର୍ପିତଜାନୁଃ ।
କରତଳଭିକ୍ଷସ୍ତରୁତଳବାସ-
ସ୍ତଦପି ନ ମୁଞ୍ଚତ୍ୟାଶାପାଶଃ ॥ ୧୬ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)

ଦିନରେ ସମ୍ମୁଖରେ ଅଗ୍ନି ସ୍ଥାପନକରି ଅଥବା ପିଠି ସୂର୍ଯ୍ୟ କିରଣକୁ ଦେଖାଇ ଏବଂ ରାତିରେ ଜାନୁଦ୍ୱୟ ମଧ୍ୟରେ ଥୋଡ଼ିକୁ ଚିପିରଖି (ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ), କରପାତ୍ରରେ କେବଳ ଭିକ୍ଷା ଗ୍ରହଣ କରି ବୃକ୍ଷମୂଳରେ ବାସ କଲେ ମଧ୍ୟ ଆଶାର ପାଶ ଛୁଟେ ନାହିଁ ।

ବ୍ୟାଖ୍ୟା—ପୂର୍ବ ପରିଚ୍ଛେଦରେ ଗୃହସ୍ଥଙ୍କର ଆଶା କିପରି ମୃତ୍ୟୁ ପର୍ଯ୍ୟନ୍ତ ବଳବତ୍ତର ରହେ ବୁଝାଇବାପରେ ଏଠାରେ ସର୍ବତ୍ୟାଗୀ, ଭ୍ରମଣକାରୀ ସନ୍ନ୍ୟାସୀମାନଙ୍କର ଆଶାର ବିଷୟ ଆଚାର୍ଯ୍ୟ ବୁଝାଉଅଛନ୍ତି । ଆଶା, କିପରି ପ୍ରକୃତିର ନିୟମ ଏବଂ କେହିହେଲେ କିପରି ଏଥିରୁ ମୁକ୍ତ ନୁହଁନ୍ତି ଦର୍ଶାଯାଇଛି ।

ଏପରି ସନ୍ନ୍ୟାସୀ, ଯେ ସମସ୍ତ ସୁଖ ସୁବିଧା ତ୍ୟାଗ କରିଅଛନ୍ତି, ଏପରିକି ନିତାନ୍ତ ଆବଶ୍ୟକ ବସ୍ତୁ ଅର୍ଥାତ୍ ଅନ୍ନ, ବସ୍ତ୍ର ଏବଂ ରହିବାପାଇଁ କୁଟୀର ମଧ୍ୟ ନିକଟରେ ନାହିଁ, ଶୀତଦିନେ ଶୀତର ପ୍ରକୋପରୁ ରକ୍ଷା ପାଇବାପାଇଁ ସମ୍ମୁଖରେ ଅଗ୍ନି ଜାଳି ଶରୀର ଉତ୍ତପ୍ତ ରଖନ୍ତି ଅଥବା ସୂର୍ଯ୍ୟ ଉତ୍ତାପରେ ଉପବେଶନ କରନ୍ତି, ପିଠି ଖରାକୁ ଦେଖାଇ ଶୀତରୁ ରକ୍ଷା ପାଆନ୍ତି, ରାତିରେ ଅଗ୍ନିର ଅଭାବରେ ମୁଣ୍ଡକୁ ନୁଆଁଇ ଦୁଇ ଆଣ୍ଠୁ ମଧ୍ୟରେ ଥୋଡ଼ିକୁ ଚାପିରଖି ଶୀତରୁ ରକ୍ଷା ପାଆନ୍ତି, ପାତ୍ର ଅଭାବରୁ କରପାତ୍ରରେ କେବଳ ଭିକ୍ଷା ଗ୍ରହଣ କରନ୍ତି ଏବଂ ପଥପାର୍ଶ୍ୱର ଯେ କୌଣସି ବୃକ୍ଷମୂଳେ କେବଳ ଆଶ୍ରୟ ନିଅନ୍ତି; ସେହିପରି ସର୍ବତ୍ୟାଗୀ ସନ୍ନ୍ୟାସୀ ମଧ୍ୟ ଆଶା ପାଖରୁ ମୁକ୍ତ ନୁହଁନ୍ତି ।

ସଂସାରର ବସ୍ତୁଗୁଡ଼ିକର ସମ୍ପୂର୍ଣ୍ଣ ତ୍ୟାଗ, ତ୍ୟାଗ ନୁହେଁ । ବସ୍ତୁଗୁଡ଼ିକ ନିଜ ପାଖରେ ଥାଉ ବା ନଥାଉ ସେଗୁଡ଼ିକ ପ୍ରତି ଲାଳସାର ତ୍ୟାଗ ହେଉଛି ପ୍ରକୃତ ତ୍ୟାଗ । ଯାହାଙ୍କର କିଛି କାମନା ବା ବାସନା ନାହିଁ ସେ ସଂସାର ଭିତରେ ଥାଇ ମଧ୍ୟ ତ୍ୟାଗୀ ହୋଇପାରନ୍ତି । କର୍ମେନ୍ଦ୍ରିୟମାନଙ୍କୁ ବାହ୍ୟ ସୁଖ ଭୋଗରୁ ସଂଯତକରି, ଅଭ୍ୟନ୍ତରରେ ସେହି ସୁଖ ଭୋଗର ବାସନା ରହିଲେ ତାହାଙ୍କୁ ଗୀତାରେ 'ମିଥ୍ୟାଚାରୀ' କୁହାଯାଇଅଛି । ଅନ୍ତଃକରଣ ଶୁଦ୍ଧକରି ଆତ୍ମଜ୍ଞାନପୂର୍ବକ ପୂର୍ଣ୍ଣଭାବେ ଭଗବାନଙ୍କଠାରେ ମନରହିଲେ କେବଳ ଆମକୁ ଆଶା ପାଶରୁ ମୁକ୍ତି ମିଳେ । ସମସ୍ତ ଭୋଗ ସାମଗ୍ରୀ ତ୍ୟାଗକରି ସନ୍ନ୍ୟାସୀ ହେଲେ ମଧ୍ୟ ମୁକ୍ତି ମିଳେ ନାହିଁ । ତେଣୁ ହେ ମୂଢ ! ଅନ୍ତଃକରଣରେ ପବିତ୍ର ଭାବ ଜାତ କରାଇ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

କୁରୁତେ ଗଙ୍ଗାସାଗରଗମନଂ
ବ୍ରତପରିପାଳନମଥବା ଦାନମ୍ ।
ଜ୍ଞାନବିହୀନଃ ସର୍ବମତେନ
ମୁକ୍ତିଂ ନ ଭଜତି ଜନ୍ମଶତେନ ॥ ୧୬ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … —)

କେତେ ଗଙ୍ଗା-ସାଗର ଯାଅ ଅଥବା ବ୍ରତୋପବାସ ଓ ଦାନକର, ଜ୍ଞାନବିହୀନ ହେଲେ ଶତ ଜନ୍ମରେ ମଧ୍ୟ ମୁକ୍ତି ମିଳେ ନାହିଁ ।

ବ୍ୟାଖ୍ୟା—ପବିତ୍ର 'ଗଙ୍ଗାନଦୀ ବଙ୍ଗୋପସାଗରରେ ମିଶିବା ସ୍ଥାନକୁ ଗଙ୍ଗାସାଗର କୁହାଯାଏ । ଆହୁରି ମଧ୍ୟ ଗଙ୍ଗା ଏବଂ ସାଗର ଅର୍ଥ ବୁଝାଯାଇପାରେ । ଗଙ୍ଗାନଦୀ ସବୁଠାରେ ପବିତ୍ର ହେଲେ ମଧ୍ୟ ବନାରସ, ପ୍ରୟାଗ, ହରିଦ୍ୱାର ଇତ୍ୟାଦି ସ୍ଥାନରେ ଅତି ପବିତ୍ର ତୀର୍ଥ ରୂପେ ଧରାଯାଏ । ସାଗର. ସର୍ବତୀର୍ଥ ରୂପେ ପରିଗଣିତ । ମୁକ୍ତି ଲକ୍ଷ୍ୟରେ ଆମେ ବିଭିନ୍ନ ତୀର୍ଥରେ ସ୍ନାନ କରୁ । ଆହୁରି ମଧ୍ୟ ନାନାପ୍ରକାର ବ୍ରତୋପବାସ କରୁ ଏବଂ ଦାନ ଦେଉ । ଧର୍ମଜ୍ଞାନରେ ଗଙ୍ଗାସାଗରାଦି ସମସ୍ତ ତୀର୍ଥ ପର୍ଯ୍ୟଟନ କରି ବହିରଙ୍ଗ ସାଧନା କରୁ ଏବଂ ବ୍ରତ, ଉପବାସ, ଦାନ, ଧର୍ମ ଆଦି ସମସ୍ତ ଅନ୍ତରଙ୍ଗ ସାଧନା କରୁ । ଗଙ୍ଗା, ଗୋଦାବରୀ, ବୈତରଣୀ ଆଦି ନଦୀରେ ବୁଡ଼ ପକାଉ । ମୁକ୍ତି ଲକ୍ଷ୍ୟରେ ଅଲଭ୍ୟ ସ୍ନାନଯୋଗର ତାଲିକା ଦେଖି ନାନା ତୀର୍ଥସ୍ଥାନ ବୁଲୁ । ପ୍ରୟାଗରେ ମକର ସଂକ୍ରାନ୍ତି ଦିନ ସ୍ନାନକଲେ ମୁକ୍ତି ହୋଇଯିବା ବିଷୟ କହୁ । ବର୍ଷତମାମ ନାନାପ୍ରକାର ବ୍ରତ ଉପବାସ କରୁ । ବ୍ରାହ୍ମଣଙ୍କୁ ପୁଣ୍ୟ ତିଥିରେ ଦାନ ଦେଉ । ଏହିପରି ସମସ୍ତ କାର୍ଯ୍ୟର ଲକ୍ଷ୍ୟ ହେଉଅଛି, ପୁଣ୍ୟ ଉପାର୍ଜନ କରିବା ଏବଂ ଭବସଂସାରରୁ ମୁକ୍ତି ପାଇବା ।

ଶଙ୍କରାଚାର୍ଯ୍ୟ କହୁଛନ୍ତି—ଯଦି ଆତ୍ମଜ୍ଞାନ ଉଦୟ ହୋଇନାହିଁ, ଏହିପରି କେତେ ବହିରଙ୍ଗ ଏବଂ ଅନ୍ତରଙ୍ଗ ସାଧନ ରେ ଶତଜନ୍ମ ଅତିବାହିତ ହୋଇଗଲେ ମଧ୍ୟ ତାହାର ସଂସାର ବନ୍ଧନରୁ ମୁକ୍ତି ହୁଏ ନାହିଁ ।

ଅନ୍ତଃକରଣର ପବିତ୍ରତା ନଥାଇ କେବଳ ସମସ୍ତେ ଏପରି ଧର୍ମକାର୍ଯ୍ୟ କରୁଛନ୍ତି ଜ୍ଞାନରେ ଆଚରଣ କଲେ କିଛି ମୂଲ୍ୟ ରହେନାହିଁ । ଜ୍ଞାନବିହୀନ ହୋଇ ଏପରି ଅନେକ ଜନ୍ମ ପର୍ଯ୍ୟନ୍ତ ଆଚରଣ କଲେ ମଧ୍ୟ ମୁକ୍ତି ମିଳେ ନାହିଁ । ଅବଶ୍ୟ ଏ ସବୁର ମୂଲ୍ୟ କିଛି ନାହିଁ ତାହା ନୁହେଁ, କିନ୍ତୁ ଆମର ଚିନ୍ତାଧାରା ଏବଂ ଭାବର ପବିତ୍ରତା ଲକ୍ଷ୍ୟ କରିବା କଥା । ଆମେ ସାତ୍ତ୍ୱିକ ଭାବରେ ଜ୍ଞାନ ପୂର୍ବକ ଏପରି କାର୍ଯ୍ୟ କରୁନାହେଁ । ରାଜସିକ ଏବଂ ତାମସିକ ଭାବରେ କାର୍ଯ୍ୟକରୁ । ତୀର୍ଥାଟନରେ ଦେବଦର୍ଶନର ସେତେ ଭାବ ନଥାଏ, ନୂତନ ସ୍ଥାନ ଦେଖିବା ଆଗ୍ରହ ବେଶିରହେ । ବ୍ରତ ଉପବାସରେ କେବଳ ଆହାରର ପରିବର୍ତ୍ତନ ହୁଏ ଅଥବା ଉପବାସ ଦ୍ୱାରା ଶରୀରକୁ କଷ୍ଟଦେଇ ବିଧିନିୟମ କେବଳ ପାଳନ କରାଯାଏ । ଆଧ୍ୟାତ୍ମିକ ଚିନ୍ତା ନଥାଏ । ଦାନରେ ଦେଖାଣିଆ ଭାବ ବା ଅହଂଭାବର ପ୍ରକାଶ । ପ୍ରୀତିପୂର୍ବକ ଦେଶ, କାଳ, ପାତ୍ରରେ ଅର୍ପଣ ଭାବରେ ଦାନ ଦିଆଯାଏ ନାହିଁ ।

ଈଶ୍ୱର ଚିନ୍ତାରେ ଜ୍ଞାନପୂର୍ବକ ଯେତେବେଳେ ସମସ୍ତ ତୀର୍ଥାଟନ, ବ୍ରତୋପବାସ, ଦାନ ଇତ୍ୟାଦି କରାଯାଏ ତାହା ଫଳଦାୟକ ହୁଏ । ମୁଁ (ଆତ୍ମା)ର ପ୍ରକୃତଜ୍ଞାନ ଏବଂ ଅନ୍ତଃକରଣ (ମନ, ବୁଦ୍ଧି, ଅହଙ୍କାର, ଚିତ୍ତ)ର ପବିତ୍ରତା ଆମକୁ ସଂସାର ଜଞ୍ଜାଳରୁ ମୁକ୍ତକରି ପ୍ରକୃତ ଆନନ୍ଦ ଦିଗକୁ ନେଇଯାଏ । ହେ ମାନବ, ତୁମର ପ୍ରକୃତ ସ୍ୱରୂପ ଚିନ୍ତାକର । ତତ୍ତ୍ୱମସି (ତୁମେ ତାହା ଅଛ) ମହାବାକ୍ୟ ଉପଲବ୍‌ଧି କର । ତୀର୍ଥାଟନ, ବ୍ରତୋପବାସ, ଦାନ ଇତ୍ୟାଦି ସତ୍‌କାର୍ଯ୍ୟ ମଧ୍ୟ ବିନା ଜ୍ଞାନରେ ଅନେକ ଜନ୍ମରେ ମଧ୍ୟ ମୁକ୍ତି ଦେଇପାରେ ନାହିଁ । ତେଣୁ ହେ ମୂଢ଼ ! ଜ୍ଞାନପୂର୍ବକ ଆତ୍ମଚିନ୍ତନରେ ରତ ହୋଇ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ସୁରମନ୍ଦିରତରୁମୂଳନିବାସଃ**
**ଶଯ୍ୟା ଭୂତଳମଜିନଂ ବାସଃ ।**
**ସର୍ବପରିଗ୍ରହଭୋଗତ୍ୟାଗଃ**
**କସ୍ୟ ସୁଖଂ ନ କରୋତି ବିରାଗଃ ॥ ୧୮ ॥**
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ......)

ଦେବମନ୍ଦିର ବା ବୃକ୍ଷତଳ ନିବାସ ସ୍ଥାନ, ପୃଥିବୀତଳ କେବଳ ଶଯ୍ୟା, ମୃଗଚର୍ମ କେବଳ ବସ୍ତ୍ର ଏବଂ ସକଳ ପ୍ରକାର ଭୋଗର ତ୍ୟାଗ—ଏହିପରି ବୈରାଗ୍ୟ କାହାକୁ ସୁଖ ନ ପହଞ୍ଚାଏ ?

ବ୍ୟାଖ୍ୟା—ଏହା ତ୍ୟାଗ ଓ ବୈରାଗ୍ୟର ସୁନ୍ଦର ବର୍ଣ୍ଣନା । ଜାଗତିକ ସୁଖ ଭୋଗ କରୁଥିବା ବ୍ୟକ୍ତି ଏହା ବୁଝିବା କଷ୍ଟକର । ଯେଉଁମାନେ ପରମାତ୍ମାରେ କେବଳ ସୁଖ ଅନୁଭବ କରନ୍ତି ସେମାନେ ଜାଗତିକ ସୁଖକୁ ତୁଚ୍ଛ ମନେକରନ୍ତି । ଯେଉଁମାନଙ୍କର ଅନ୍ତରରେ କେବଳ ସୁଖ, ଅନ୍ତରରେ କେବଳ ଆରାମ ଏବଂ ଅନ୍ତରରେ କେବଳ ଜ୍ୟୋତି ଦର୍ଶନ କରନ୍ତି (୫-୨୪ ଗୀତା) ସେହିପରି ଯୋଗୀ କେବଳ ଏହା ଅନୁଭବ କରିପାରନ୍ତି ।

ଆମେ ବିଭିନ୍ନ ପ୍ରକାର ଭୋଗ ସାମଗ୍ରୀ ସଂଗ୍ରହ କରି ସୁଖ ପାଇବା ଇଚ୍ଛା କରୁ । ପ୍ରତ୍ୟେକେ ଅନ୍ୟଙ୍କୁ ଅଙ୍ଗୁଳି ଦେଖାଇ ସୁଖରେ ରହିବା କହୁ । କିନ୍ତୁ କେହିହେଲେ ସୁଖରେ ନାହାନ୍ତି । ଯେତେ ଭୋଗବସ୍ତୁ ବଢାଇବା ସେମାନଙ୍କ ସ୍ପର୍ଦ୍ଧାରେ ମନ ସେତେ ଅସ୍ଥିର ହୁଏ । ସାମାନ୍ୟ ବ୍ୟବହୃତ ବସ୍ତୁପ୍ରତି ମଧ୍ୟ ଆସକ୍ତି, ବନ୍ଧନର କାରଣ ହୁଏ । ତେଣୁ ପ୍ରକୃତ ଜ୍ଞାନୀ ସମସ୍ତ ତ୍ୟାଗ କରନ୍ତି । ଅତି ଆବଶ୍ୟକୀୟ ବସ୍ତୁ ମଧ୍ୟ ନିଜର

ଜ୍ଞାନରେ, ଚିତ୍ତ ବିଚଳିତ କରାଏ । ମନରେ ଦୁଃଶ୍ଚିନ୍ତା ଭର୍ତ୍ତିହୋଇ କୋମଳ ଶଯ୍ୟାରେ ଶୋଇଲେ ମଧ୍ୟ ନିଦ ହୁଏନାହିଁ । ପରିବାର, ଧନସମ୍ପତ୍ତି, ବିଦ୍ୟା, ପ୍ରତିଷ୍ଠା ଆଦିରୁ ପ୍ରକୃତ ସୁଖ ମିଳେନାହିଁ । କିଛି ସମୟପାଇଁ ଯେଉଁ ସୁଖ ମିଳେ ତାହା ସ୍ଥାୟୀ ନୁହେଁ ଏବଂ ଅନର୍ଥର କାରଣ ମଧ୍ୟ ହୁଏ । ଜଗତର ସମସ୍ତ ବସ୍ତୁ ଭୟପୂର୍ଣ୍ଣ, ବୈରାଗ୍ୟ କେବଳ ଅଭୟପ୍ରଦ ।

ଆତ୍ମଜ୍ଞାନପୂର୍ବକ ସୁଖ ସମ୍ଭୋଗଜନିତ ବସ୍ତୁଗୁଡ଼ିକୁ ତ୍ୟାଗକରି ତତ୍ ଉପଭୋଗ ଜନିତ ବାସନାକୁ ଯେ ତ୍ୟାଗ କରିଅଛନ୍ତି, ସେହି କେବଳ ପ୍ରକୃତରେ ସୁଖୀ । ଏହିପରି ବ୍ୟକ୍ତିଙ୍କର କୌଣସି ନିର୍ଦ୍ଦିଷ୍ଟ ନିବାସସ୍ଥଳ ନଥାଏ । ସେ କୌଣସି ସ୍ଥାନରେ ରହିପାରନ୍ତି । ଦେବମନ୍ଦିର ବା ବୃକ୍ଷତଳ ତାହାଙ୍କର ନିବାସସ୍ଥଳ । ଭୂମିତଳ ହେଉଛି ଶଯ୍ୟା । ଲଜ୍ଜା ନିବାରଣ ପାଇଁ ସାମାନ୍ୟ କିଛି ଆବରଣର କେବଳ ଆବଶ୍ୟକତା ଥାଏ । ମୃଗଚର୍ମ ହେଉଛି ବସ୍ତ୍ର । ସମସ୍ତ ପ୍ରକାର ଉପଭୋଗର ତ୍ୟାଗରେ ସେ ଆନନ୍ଦ ପାଆନ୍ତି ।

ଯେତେବେଳେ ପର୍ଯ୍ୟନ୍ତ ଭୋଗ ବାସନା ମନରୁ ଲୋପ ହୋଇ ନ ଥାଏ ସେହି ପର୍ଯ୍ୟନ୍ତ ଭୋଗବସ୍ତୁଗୁଡ଼ିକୁ ତ୍ୟାଗକରି ହୁଏ ନାହିଁ । ଯେଉଁମାନେ, ମନରେ ଉଦୟ ହେଉଥିବା ସମସ୍ତ ପ୍ରକାର କାମନା ତ୍ୟାଗ କରି, ଆତ୍ମାରେ କେବଳ ସନ୍ତୋଷ ଲାଭ କରନ୍ତି ସେମାନଙ୍କୁ ଜାଗତିକ ପଦାର୍ଥ କିଛି ସୁଖକର ବୋଧହୁଏ ନାହିଁ । କିନ୍ତୁ ଏହି ଭାବ ବାହ୍ୟପ୍ରକାଶରୁ ନ ହୋଇ ଅନ୍ତଃକରଣରୁ ହେବା ଆବଶ୍ୟକ । ଅନ୍ତଃକରଣର ସମ୍ପତ୍ତି ବୃଦ୍ଧି ଫଳରେ କେବଳ ବାହ୍ୟ ସମ୍ପତ୍ତି ଛାଡ଼ିହୁଏ । ପରମାତ୍ମଜ୍ଞାନ ନ ହେଲେ ଏହା ସମ୍ଭବ ନୁହେଁ ।

କେତେ ଧନୀ, ମାନୀ, ଜ୍ଞାନୀ (ପଣ୍ଡିତ) ହେଲେ ମଧ୍ୟ ପ୍ରକୃତ ସୁଖ ପାଇ ପାରନ୍ତି ନାହିଁ । ଯେଉଁମାନେ ସମସ୍ତ ପ୍ରକାର ଲାଳସାର ତ୍ୟାଗ କରିପାରନ୍ତି ସେମାନେ କେବଳ ପ୍ରକୃତ ଆନନ୍ଦ ଉପଭୋଗ କରନ୍ତି । ଯେଣୁ ତ୍ୟାଗପୂର୍ବକ ଭୋଗ କରିବା ବିଷୟ ଉପନିଷଦ୍‌ରେ କୁହାଯାଇ ଅଛି । ହେ ମୂଢ଼ ! ତେଣୁ ସର୍ବପ୍ରକାର ଭୋଗ ତ୍ୟାଗ କରି ଆନନ୍ଦ ପୂର୍ବକ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ଯୋଗରତୋ ବା ଭୋଗରତୋ ବା**
**ସଙ୍ଗରତୋ ବା ସଙ୍ଗବିହୀନଃ ।**
**ଯସ୍ୟ ବ୍ରହ୍ମଣି ରମତେ ଚିତ୍ତଂ**
**ନନ୍ଦତି ନନ୍ଦତି ନନ୍ଦତୈବ ॥ ୧୯ ॥**
( ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ଯୋଗରେ ରତ ହୁଅ ଅଥବା ଭୋଗରେ ରତ ହୁଅ, ବିଷୟ ସଙ୍ଗରେ ରହି ବା ସଙ୍ଗବିହୀନ ହୁଅ, ଯେଉଁମାନଙ୍କର ଚିତ୍ତ ସର୍ବଦା ବ୍ରହ୍ମରେ ରମଣ କରୁଥାଏ ସେମାନେ କେବଳ ପ୍ରକୃତ ଆନନ୍ଦ ପାଆନ୍ତି ।

ବ୍ୟାଖ୍ୟା— ଯେଉଁମାନେ ଯୋଗରେ ରତ ଥାଆନ୍ତି ସେମାନଙ୍କୁ 'ଯୋଗୀ' ଏବଂ ଯେଉଁମାନେ ଭୋଗରେ ରତ ରହନ୍ତି ସେମାନଙ୍କୁ 'ଭୋଗୀ' କୁହାଯାଏ । ପଞ୍ଚ ଜ୍ଞାନେନ୍ଦ୍ରିୟ (ଶ୍ରୋତ୍ର, ତ୍ୱକ୍, ଚକ୍ଷୁ, ରସନା, ଘ୍ରାଣ) ଭୋଗ ଇଚ୍ଛାରେ ପଞ୍ଚ ବିଷୟ (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ) ପ୍ରତି ଆକୃଷ୍ଟ ହୁଅନ୍ତି । ବିଷୟ ସହିତ ଇନ୍ଦ୍ରିୟମାନଙ୍କର ସଂଯୋଗକୁ 'ସଙ୍ଗ' କୁହାଯାଏ । ବିଷୟ ଧ୍ୟାନରୁ ଏହି ବିଷ କ୍ରିୟାର ଆରମ୍ଭ । କାମ, ସମସ୍ତ ଅନର୍ଥ ଓ ପତନର କାରଣ । ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା ସହଜ କାର୍ଯ୍ୟ ନୁହେଁ । ଏହା ଧୀରେ ଧୀରେ ଅଭ୍ୟାସ କରାଯାଏ । ଅଭ୍ୟାସ ଏବଂ ବୈରାଗ୍ୟ ଦ୍ୱାରା ମନକୁ ଆୟତ୍ତ କରିବା ବିଷୟ ଶାସ୍ତ୍ରରେ କୁହାଯାଇଅଛି । ବୁଦ୍ଧି ଦ୍ୱାରା ଧୃତି (ଧୈର୍ଯ୍ୟ)କୁ ଧାରଣ କରି ମନ, ପ୍ରାଣ ଏବଂ ଇନ୍ଦ୍ରିୟମାନଙ୍କ କ୍ରିୟାକୁ ଆୟତ୍ତ କରିବାକୁ ପଡ଼େ । ସଂସାରର ସମସ୍ତ ବିଷୟ ଭୋଗକରି ମଧ୍ୟ ଆମେ ଯୋଗୀ ହୋଇ ପାରିବା । ସଂସାରର ସମସ୍ତ ବିଷୟ ତ୍ୟାଗ କରିଥିବା ଯୋଗୀମାନେ ମଧ୍ୟ ବେଳେବେଳେ ସଂସାରର ବିଷୟସୁଖ ଚିନ୍ତାକରି ଭୋଗୀ ହୋଇପଡନ୍ତି । ଏହିପରି ଅନେକ ଦୃଷ୍ଟାନ୍ତ ଆମେ ଇତିହାସ ଓ ପୁରାଣରେ ଦେଖିବାକୁ ପାଉ ।

ଏହି ପରିଚ୍ଛେଦରେ ଶଙ୍କରାଚାର୍ଯ୍ୟ, ବ୍ରହ୍ମାନୁଭୂତି ଓ ଏହାର ସୁଖ ବିଷୟ କହୁଛନ୍ତି । ସନ୍ନ୍ୟାସୀ ହୁଅନ୍ତୁ ଅଥବା ଗୃହୀ ହୁଅନ୍ତୁ ଯାହାଙ୍କର ମନ ସର୍ବଦା ବ୍ରହ୍ମଚିନ୍ତାରେ ରମଣ କରୁଥାଏ ସେମାନେ କେବଳ ପ୍ରକୃତ ଆନନ୍ଦ ପାଇ ପାରନ୍ତି । ହିମାଳୟ ଗୁମ୍ଫାରେ ରହି ସାଧନ କରୁଥିବା ମନ, ଯଦି ସଂସାର ମଧ୍ୟରେ ଘୂରି ବୁଲୁଥାଏ ତେବେ ପ୍ରକୃତ ଆନନ୍ଦ ମିଳେ ନାହିଁ । କ୍ରିୟାଶୀଳ ସଂସାର ମଧ୍ୟରେ ରହି ମଧ୍ୟ ମନକୁ ଯଦି କୌଣସି ବାସନା ସ୍ପର୍ଶ କରିପାରେ ନାହିଁ, ତେବେ ସେ ବ୍ରହ୍ମାନନ୍ଦ ଲାଭ କରିପାରନ୍ତି । ବିଷୟ ଚିନ୍ତାରୁ ମନର ଅଶାନ୍ତ ଏବଂ ନିରାନନ୍ଦ ଅବସ୍ଥା । ଯେ ନିଜର ଇନ୍ଦ୍ରିୟମାନଙ୍କୁ ଜୟ ପୂର୍ବକ ଚିତ୍ତ ସମାହିତ କରିପାରି ନାହାନ୍ତି ତାହାଙ୍କର ବୁଦ୍ଧି ନଥାଏ କିମ୍ବା ଈଶ୍ୱର ବିଷୟକ ଭାବନା ନଥାଏ । ଯାହାଙ୍କର ସେହିଭଳି ଚିନ୍ତା ବା ଭାବନା ନଥାଏ ସେ ଶାନ୍ତି ପାଇ ପାରନ୍ତି ନାହିଁ । ଯାହାଙ୍କର ଶାନ୍ତି ନାହିଁ ତାହାଙ୍କର ସୁଖ କେଉଁଠାରେ ?

(୨-୬୬ ଗୀତା)

ସଂସାରରେ ରହି ଶାନ୍ତି ପାଇବା ସହଜସାଧ୍ୟ ନୁହେଁ । ଜ୍ଞାନ ଏବଂ ସାଧନା ଆବଶ୍ୟକ । ଉପରକୁ ଉଠି ସେହି ସ୍ତରରେ ପହଞ୍ଚିଲେ କେବଳ ଶାନ୍ତି ପାଇପାରିବା । ଯୋଗୀ, ସନ୍ନ୍ୟାସୀ ହୋଇଗଲେ ମଧ୍ୟ ଶାନ୍ତି ପାଇବା ସମ୍ଭବ ନୁହେଁ । ସଂସାରର

ସମସ୍ତ ଜଞ୍ଜାଳ ମଧ୍ୟରେ ରହି ମଧ୍ୟ ଏହା ସମ୍ଭବ । ଇନ୍ଦ୍ରିୟଗୁଡ଼ିକ ସ୍ୱତଃ ବହିର୍ମୁଖୀ । ଇନ୍ଦ୍ରିୟଗୁଡ଼ିକୁ ଅନ୍ତର୍ମୁଖୀ କରି ବ୍ରହ୍ମଚିନ୍ତାରେ ଲଗାଇବାକୁ ହୁଏ । ଆମେ, ପରମାତ୍ମା (ବ୍ରହ୍ମ)ଙ୍କ ଅଂଶ । ବ୍ରହ୍ମଙ୍କ ସ୍ୱରୂପ ହେଉଛି ଆନନ୍ଦ । ଆମେ ଆନନ୍ଦର ଅଂଶ । ତେଣୁ ସୁଖ ସ୍ୱରୂପ ଆନନ୍ଦ ପାଇବା ଆମର ନୈସର୍ଗିକ ଅଧିକାର । ଆମେ ଭୁଲ ମାର୍ଗରେ ଗତି କରି ସେହି ସୁଖ ଖୋଜୁଛେ । ତେଣୁ ଆମର ଏପରି ଅବସ୍ଥା ! ଭଗବାନଙ୍କଠାରେ ମନ ରଖି, ଅନ୍ତଃକରଣକୁ ପବିତ୍ର କରି ଜଗତର ସମସ୍ତ କାର୍ଯ୍ୟ କଲେ ମଧ୍ୟ ଆମେ ଏହି ସୁଖ ପାଇପାରିବା । ଯୋଗରତ ହୁଅ ବା ଭୋଗରତ ହୁଅ, ସଙ୍ଗରତ ହୁଅ ବା ସଙ୍ଗବିହୀନ ହୁଅ, ଯେଉଁମାନଙ୍କର ମନ ସବୁବେଳେ ବ୍ରହ୍ମଚିନ୍ତାରେ ରହେ, ସେମାନେ କେବଳ ସର୍ବଦା ଆନନ୍ଦରେ ବିଚରଣ କରନ୍ତି । ତେଣୁ ହେ ମୂଢ଼ ! ଯେ କୌଣସି ଅବସ୍ଥାରେ ମଧ୍ୟ ବେଦାନ୍ତ ବାକ୍ୟରେ ସର୍ବଦା ରମଣ କରି ଗୋବିନ୍ଦଙ୍କ ଭଜନ କର ।

ଭଗବଦ୍‌ଗୀତା କିଂଚିଦଧୀତା
ଗଙ୍ଗାଜଲଲବକଣିକା ପୀତା ।
ସକୃଦପି ଯେନ ମୁରାରିସମର୍ଚା ।
କ୍ରିୟତେ ତସ୍ୟ ଯମେନ ନ ଚର୍ଚା ॥ ୨୦ ॥

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ଭଗବଦ୍‌ଗୀତା କିଛି ହେଲେ ପାଠ କଲେ, ଗଙ୍ଗାଜଳ ଟୋପାଏ ହେଲେ ପାନ କଲେ, ପରମେଶ୍ୱରଙ୍କୁ କିଛିକ୍ଷଣ ହେଲେ ପୂଜନ କଲେ, ଯମରାଜ ତାହାଙ୍କର ନିକଟରେ ପ୍ରବେଶ କରିପାରନ୍ତି ନାହିଁ ।

ବ୍ୟାଖ୍ୟା— ଶ୍ରୀମଦ୍ ଭଗବଦ୍‌ଗୀତା ଭଗବାନଙ୍କ ମୁଖ ନିଃସୃତ ବାଣୀ । ସମସ୍ତ ଆଧ୍ୟାତ୍ମିକ ଗ୍ରନ୍ଥର ସାରତତ୍ତ୍ୱ । ସର୍ବଶାସ୍ତ୍ରମୟୀ ଏବଂ ସମସ୍ତ ଉପନିଷଦ ର ନିର୍ଯ୍ୟାସ । ଏକ ଶ୍ଲୋକ ବା ଏକ ପାଦର ଅଭ୍ୟାସ ମଧ୍ୟ ଜୀବନରେ ପରିବର୍ତ୍ତନ ଆଣିଦିଏ । ଗଙ୍ଗା, ଭଗବାନଙ୍କ ପଦାରବିନ୍ଦରୁ ନିଃସୃତ । ଭଗବାନ୍ ଶିବଙ୍କ ମସ୍ତକ ଦେଇ ପୃଥିବୀରେ ପରିପ୍ଲାବିତା । ପବିତ୍ରତାର ଶ୍ରେଷ୍ଠ ଉପାଦାନ । ମୁରାରି (ଭଗବାନ୍)ଙ୍କ ଭଜନ ଏବଂ ଧ୍ୟାନ ମନରେ ଶାନ୍ତି ଆଣି ଜୀବନର ଲକ୍ଷ୍ୟ ପୂର୍ଣ୍ଣ କରେ । 'ମୁଁର' ଅର୍ଥ ଅହଂକାର । ଭଗବାନଙ୍କଠାରେ ସର୍ବଦା ମନ ରହିଲେ ଅହଂକାରର ଲୋପ ହୁଏ, ଯାହା ସମସ୍ତ

ଅନର୍ଥର କାରଣ । ତେଣୁ ଭଗବାନଙ୍କର ଅନ୍ୟନାମ ମୁରାରି । ଗୋବିନ୍ଦଙ୍କ ଭଜନ ଏବଂ କୀର୍ତ୍ତନ ଦ୍ୱାରା ସର୍ବଦା ଭଗବାନଙ୍କଠାରେ ମନ ରହିଲେ ଅହଂକାର ଲୋପ ହୋଇ କେବଳ ପ୍ରକୃତ ତତ୍ତ୍ୱ ଉପଲବ୍ଧି ହୁଏ । ଆମେ ଯେ ସେହି ଆନନ୍ଦ ସ୍ୱରୂପ ଆତ୍ମା, ବୋଧ କରିପାରିବା । ଏହାହିଁ ଜୀବନ୍ମୁକ୍ତ ଅବସ୍ଥା ବା ଅମରତ୍ୱ ପ୍ରାପ୍ତି ।

ଗୀତାର ମନନ, ଗଙ୍ଗା ଜଳର ସେବନ ଏବଂ ଗୋବିନ୍ଦଙ୍କ ଧ୍ୟାନ ଆମର ଚିତ୍ତରେ ପବିତ୍ରତା ଆନୟନ କରି ଆମକୁ ଅମରତ୍ୱ ଦିଗକୁ ନେଇଯାଏ । କିଞ୍ଚିତ୍ ମାତ୍ର ହିଁ ପ୍ରଭାବ ବିଶେଷ ଉପକାର କରେ । ସାମାନ୍ୟ ଅଭ୍ୟାସରୁ ବିଶେଷ ଆଗ୍ରହ ଜାତ ହୁଏ । ଆଧ୍ୟାତ୍ମିକ ପରିପ୍ରକାଶ ପାଇଁ ଗୀତାଧ୍ୟୟନ, ଗଙ୍ଗାଜଳ ସେବନ ଓ ଗୋବିନ୍ଦାର୍ଚ୍ଚନ ଯେ ମୁଖ୍ୟ ଏହା ଏହି ପରିଚ୍ଛେଦର ବିଷୟ ।

ଆମେ ପ୍ରତିଦିନ ଗୀତାଧ୍ୟୟନ, ଗଙ୍ଗାଜଳ ସେବନ ଏବଂ ଦେବତା ପୂଜା କଲେ ମଧ୍ୟ ଆମର ବିଶେଷ କିଛି ପରିବର୍ତ୍ତନ ହେଉନାହିଁ । ଏହାର କାରଣ ଚିନ୍ତାକରିବା କଥା । ଶ୍ରଦ୍ଧା ଏବଂ ବିଶ୍ୱାସର ଅଭାବ । ପ୍ରକୃତ ଜ୍ଞାନର ଅଭାବ । କେବଳ କର୍ତ୍ତବ୍ୟ ଜ୍ଞାନରେ ଉପରଠାଉରିଆଭାବେ ଆଚରଣ କଲେ ବିଶେଷ କିଛି ଫଳ ହୁଏ ନାହିଁ । ବିଭିନ୍ନ ସ୍ତୁତି, ଭଜନ ପୂଜା ଦ୍ୱାରା ମଧ୍ୟ କିଛି ହୁଏନାହିଁ । ଭଗବାନଙ୍କୁ ପ୍ରଶଂସା କଲେ, ତୋଷାମୋଦ କଲେ ବା ଉତ୍କୋଚ ଦେଲେ କାର୍ଯ୍ୟ ପୂରଣ ହୁଏନାହିଁ । ଭଗବାନ୍, ଭାବ ଇଚ୍ଛା କରନ୍ତି । ଈଶ୍ୱରୀୟ ଗୁଣକୁ ନିଜ ସ୍ମୃତିପଟରେ ସ୍ଥାପନ କରିବା ହିଁ ପ୍ରକୃତ ପୂଜା ଏବଂ ଉପାସନା । ସମସ୍ତ କ୍ରିୟା ମଧ୍ୟରେ ଅନ୍ତଃକରଣର ପରିବର୍ତ୍ତନ ଲକ୍ଷ୍ୟ କରିବା ବିଷୟ ।

ଭଗବଦ୍ ଗୀତା ଅନ୍ୟ ସମସ୍ତ ପୁସ୍ତକପରି ଗୋଟିଏ ପୁସ୍ତକ ମାତ୍ର ଧାରଣା କରୁ । ଥରେ ଦୁଇଥର ପାଠକରି ଗୀତାର ସମସ୍ତ ବିଷୟ ବୁଝିଯିବା କହୁ । ସେହିପରି ଗଙ୍ଗା, ଅନ୍ୟ ସମସ୍ତ ନଦୀଭଳି ହିମାଳୟରୁ ନିର୍ଗତ ହୋଇଥିବା ଏକ ନଦୀମାତ୍ର ଧାରଣା ହୁଏ । ଈଶ୍ୱର ବିଶ୍ୱାସ ମଧ୍ୟ ନାହିଁ । ଦମ୍ଭପୂର୍ବକ ନିଜର ଶକ୍ତି ଓ ଅର୍ଥରେ ନିର୍ଭର କରି ସମସ୍ତ କାର୍ଯ୍ୟକରୁ । ଭଗବାନଙ୍କ ସର୍ବବ୍ୟାପୀତ୍ୱରେ ଧାରଣା ହୁଏ ନାହିଁ । ଏହିପରି ସମସ୍ତ ଚିନ୍ତା ଯୋଗୁଁ ଆମର ଏହି ଅବସ୍ଥା । ଏହା ଭ୍ରମପୂର୍ଣ୍ଣ ଏବଂ ମାରାତ୍ମକ ।

ଅଜ୍ଞାନ ହେତୁ 'ମୁଁ' ଭାବରେ ଆମେ ସମସ୍ତ ବେଦନା ଅନୁଭବ କରୁଅଛେ । ଶରୀରକୁ କେବଳ ଆତ୍ମାଜ୍ଞାନ କରୁଅଛେ । ଆମେ ଯେ ସେହି ଅବିନାଶୀ ପରମାତ୍ମାଙ୍କ ଅଂଶ ଅନୁଭବରେ ଆସୁନାହିଁ । ସ୍ଥୂଳ ଶରୀର ଅପେକ୍ଷା ସୂକ୍ଷ୍ମ ଶରୀର, କାର୍ଯ୍ୟ ଅପେକ୍ଷା ଚିନ୍ତାଧାରା, ବାହାର ଚାକଚକ୍ୟ ଅପେକ୍ଷା ଭିତରର ପବିତ୍ରତା ଶ୍ରେଷ୍ଠ ଅଟେ ।

ଗୀତାପାଠ, ଗଙ୍ଗାଜଳ ସେବନ ଏବଂ ଗୋବିନ୍ଦଙ୍କ ଅର୍ଚ୍ଚନ, ଅନ୍ତଃକରଣରେ ପବିତ୍ରତା ଜାଗ୍ରତ କରାଇ ଆମର ସମସ୍ତ କର୍ମରେ ପରିବର୍ତ୍ତନ ଆଣେ । ତେଣୁ ହେ ମୂଢ ! ସର୍ବଦା କିଞ୍ଚିତ୍ ମାତ୍ର ହେଲେ ହେଁ ଗୀତାପାଠ, ଗଙ୍ଗାଜଳ ସେବନ ପୂର୍ବକ ଗୋବିନ୍ଦଙ୍କ ଭଜନ କର ।

ଯାବଜ୍ଜନନଂ ତାବନ୍ମରଣଂ
ତାବଜ୍ଜନନୀଜଠରେ ଶୟନମ୍ ।
ଇତି ସଂସାରେ ସ୍ଫୁଟତରଦୋଷଃ
କଥମିହ ମାନବ ତବ ସଂତୋଷଃ ॥ ୨୧ ॥

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ··· ···)

ଯେଉଁ ପର୍ଯ୍ୟନ୍ତ ଜନ୍ମଅଛି ସେହି ପର୍ଯ୍ୟନ୍ତ ମୃତ୍ୟୁ ଅଛି, ସେହି ପର୍ଯ୍ୟନ୍ତ ମାତୃ ଗର୍ଭରେ ଶୟନ ଅଛି । ଯଦି ଏହି ସଂସାରର ଏହିପରି ଦୋଷ ଦେଖାଯାଉଅଛି ତେବେ ହେ ମାନବ, ତୁମକୁ ଏହା କିପରି ସନ୍ତୋଷ ଦେଉଅଛି ?

ବ୍ୟାଖ୍ୟା—ଆମେ ଅନେକ ଜନ୍ମ ଦେଇ ଏହି ଶରୀର ପାଇଅଛେ । ଜ୍ଞାନ ହେବା ପର୍ଯ୍ୟନ୍ତ ଆହୁରି ଅନେକ ଜନ୍ମ ଦେଇ ଗତି କରିବା । ଏହି ଜୀବନ କେବଳ ଆରମ୍ଭ ଓ ଶେଷ ନୁହେଁ । ମୃତ୍ୟୁପରେ ଯେ, ମନୁଷ୍ୟ ଜନ୍ମ ପୁନର୍ବାର ପାଇବା ତାହା ମଧ୍ୟ ଠିକ୍ ନୁହେଁ । ନିଜର କର୍ମ ଅନୁସାରେ ଅନ୍ୟ ପଶୁ ବା କୀଟଯୋନିରେ ମଧ୍ୟ ଜନ୍ମ ନେବା । ଶରୀରର କେବଳ ମୃତ୍ୟୁ ଅଛି କିନ୍ତୁ ଜୀବାତ୍ମାର ମୃତ୍ୟୁ ନାହିଁ । ସ୍ଥୂଳ ଶରୀର ନଷ୍ଟହେବାପରେ ଜୀବାତ୍ମା, ତାହାର ସମସ୍ତ ବାସନା ସହ ଅନ୍ୟ ଏକ ଶରୀର ଧାରଣ କରେ । ପ୍ରତ୍ୟେକ ଜୀବନରେ ଉପଭୋଗ ଚିନ୍ତାରେ ନୂତନ ନୂତନ ବାସନା ସୃଷ୍ଟି ହୋଇ ଜନ୍ମ-ମୃତ୍ୟୁ ଚକ୍ର ଚାଲିଥାଏ । ଗୋଟିଏ ଶାସ୍ତ୍ରୀୟ ଦୃଷ୍ଟାନ୍ତ ଦେଖନ୍ତୁ—ଗୋଟିଏ ଜୋକ, ଗୋଟିଏ ଘାସରେ ଗତି କରି ଯେତେବେଳେ ଘାସଟିର ଶୀର୍ଷ ଦେଶରେ ପହଞ୍ଚେ, ସେହି ଘାସଟି ନଇଁ ଅନ୍ୟ ଏକ ଘାସର ଶୀର୍ଷକୁ ଲଗିଯାଏ ଏବଂ ସେ (ଜୋକ) ଅନ୍ୟ ଘାସରେ ଚାଲେ । ଶରୀରଟି ପୂର୍ଣ୍ଣଭାବେ ଯେତେବେଳେ ଅନ୍ୟ ଘାସକୁ ସ୍ଥାନାନ୍ତରିତ ହୁଏ, ପ୍ରଥମ ଘାସଟି ପୃଥକ୍ ହୋଇଯାଏ । ସେହିପରି ଏହି ସ୍ଥୂଳ ଶରୀର ନଷ୍ଟପରେ ଜୀବାତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଗତିକରେ । ସେହି ଜୋକ ଯେପରି ଅପରିବର୍ତ୍ତିତ ଭାବେ ପ୍ରତ୍ୟେକ ଘାସରେ ଗତିକରେ ସେହିପରି ଜୀବାତ୍ମା ଶରୀରାନ୍ତର ଗତିକରେ । ଏହାହିଁ ଜନନୀଜଠରେ ଶୟନ । ମନ-ବୁଦ୍ଧି-

ଅହଂକାର (ସୂକ୍ଷ୍ମ ଶରୀର) ଯନ୍ତ୍ରଦ୍ୱାରା ବିଭିନ୍ନ ବାସନା (କାମନା) ଯୁକ୍ତ ଆତ୍ମା ହେଉଛି—ଜୀବାତ୍ମା । ଜୀବାତ୍ମାର ଏହିପରି ଗତି ଚାଲିଥାଏ । ଜ୍ଞାନ ହେବା ପର୍ଯ୍ୟନ୍ତ କାମନାରୁ ମୁକ୍ତି ମିଳେ ନାହିଁ । କାମନାର ବିନାଶ ନହେଲେ ଦୁଃଖର ବିନାଶ ହୁଏ ନାହିଁ । ସୁଖ-ଦୁଃଖ, ସଂସାରର ବିଷୟ ଏବଂ ଦୋଷ । ପ୍ରକୃତ ଜ୍ଞାନଦ୍ୱାରା ଜୀବ, ଯେତେବେଳେ ସମସ୍ତ ବାସନାରୁ ମୁକ୍ତ ହୋଇ ଅହଂକାରର ଲୋପହୁଏ ତେବେ ଆଉ ତାହାର ସୁଖ, ଦୁଃଖ ଭୋଗ ହୁଏ ନାହିଁ । ଏହାହିଁ ଜୀବିତ ଅବସ୍ଥାରେ ମୁକ୍ତ ବା ଜୀବନ୍ମୁକ୍ତ ଅବସ୍ଥା ।

ଆମେ ଅବିନାଶୀ ପରମାତ୍ମାଙ୍କ ଅଂଶ । ଆମେ ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ଆତ୍ମା । ଯେତେବେଳେ ଏହି ଜ୍ଞାନ ଉଦୟ ହୋଇ ସମସ୍ତ କର୍ମବନ୍ଧନର ପରିସମାପ୍ତି ଘଟେ ଆମର ଆଉ ଜନ୍ମ ହୁଏନାହିଁ । ଏହାହିଁ ମୋକ୍ଷାବସ୍ଥା । ଆଉ ଆମେ ଜନ୍ମ-ମରଣ ଚକ୍ରଦେଇ ଗତି କରିବା ନାହିଁ । ଜନ୍ମ ଏବଂ ମରଣ କଷ୍ଟଦାୟକ । ହେ ମାନବ, ସଂସାରର ଏପରି ଦୋଷ ଦେଖି ମଧ୍ୟ ତୁମକୁ କିପରି ସନ୍ତୋଷ ଲାଗୁଅଛି ? ତେଣୁ ହେ ମୂଢ଼ ! ଜନ୍ମ-ମରଣର ଅସାରତା ବିଚାର କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ରଥ୍ୟାକର୍ପଟବିରଚିତକନ୍ଥଃ
ପୁଣ୍ୟାପୁଣ୍ୟବିବର୍ଜିତପନ୍ଥଃ ।
ଯୋଗୀ ଯୋଗନିୟୋଜିତଚିତ୍ତୋ
ରମତେ ବାଲୋନ୍ମତ୍ତବଦେବ ॥ ୨୨ ॥

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

(ବ୍ରହ୍ମଜ୍ଞ ଯୋଗୀ) ରାସ୍ତାକଡ଼ର ଛିଣ୍ଡା କନାକୁ କନ୍ଥାରୂପେ ବ୍ୟବହାର କରି, ପୁଣ୍ୟ ଓ ପାପ ଉଭୟରୁ ମୁକ୍ତ ପଥରେ ଗତିକରି, ସର୍ବଦା ଯୋଗାଭ୍ୟାସ ପରିସ୍ଥିତିରେ ନିଜର ଚିତ୍ତରଖି, ବାଳକ ବା ପାଗଳ ସଦୃଶ୍ୟ ଭ୍ରମଣ କରୁଥାନ୍ତି ।

ବ୍ୟାଖ୍ୟା—ଏହି ପରିଚ୍ଛେଦରେ ଜୀବନ୍ମୁକ୍ତ ବା ଗୁଣାତୀତ ପୁରୁଷଙ୍କର ଚାଲିଚଳନ ଓ ବ୍ୟବହାରର ବର୍ଣ୍ଣନା । ଆତ୍ମଜ୍ଞାନରେ ସର୍ବଦା ରତ ରହି ଦେହଜ୍ଞାନ ନଥିବା ପୂର୍ଣ୍ଣ ବୈରାଗ୍ୟାବସ୍ଥା ।

ଉଚ୍ଚସ୍ତରର ଜ୍ଞାନର ଉପଲବ୍ଧିରେ ସଂସାରର ବ୍ୟବହାରିକ ଜ୍ଞାନ ଲୋପ ହୁଏ । ବାଳକ ବା ପାଗଳପରି ଆଚରଣ କରନ୍ତି । ସାଂସାରିକ ଲୋକମାନେ ଏହା ବୁଝିପାରନ୍ତି ନାହିଁ । ପାଗଳ ବୋଲି କହନ୍ତି କିନ୍ତୁ ସେ ପ୍ରକୃତରେ ପାଗଳ ନୁହନ୍ତି । ମହାମାନବରୁ ମହାନ୍ ।

ପାଗଳ ଏବଂ ବାଳକର ଗତ ବିଷୟ ପ୍ରତି ଶୋଚନା ନଥାଏ ବା ଭବିଷ୍ୟତ ଚିନ୍ତା ମଧ୍ୟ ଆସେ ନାହିଁ । ସେମାନଙ୍କ ମନରେ ସ୍ନେହ ଓ ଘୃଣାଭାବ ଜାତ ହେଲେ ମଧ୍ୟ ଚଞ୍ଚଳ ଭୁଲି ଯାଆନ୍ତି ଏବଂ ଭବିଷ୍ୟତକୁ ମଧ୍ୟ ସେହି ଚିନ୍ତା ରହେ ନାହିଁ । କେବଳ ବର୍ତ୍ତମାନର ମାନସିକ ସ୍ଥିତିରେ ଚଳନ୍ତି । ସେହିପରି ଜ୍ଞାନୀଙ୍କର ଅବସ୍ଥା । ଅନ୍ତଃକରଣର ଗଭୀର ଚିନ୍ତା, ସାଧାରଣ ବ୍ୟକ୍ତି ବୁଝିପାରନ୍ତି ନାହିଁ । ସେ ଆମ୍ଭମାନଙ୍କ ସହ ବିଚରଣ କଲେ ମଧ୍ୟ ଲାଭ-ଅଲାଭ, ଜୟ-ପରାଜୟ, ଇଚ୍ଛା-ଦ୍ୱେଷ, ମାନ-ଅପମାନ, ସୁଖ-ଦୁଃଖ ଇତ୍ୟାଦି ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ଗତି କରନ୍ତି । ବ୍ୟାପ୍ତରୂପେ ଏକ ପରମାତ୍ମା ଜ୍ଞାନ ସର୍ବଦା ଅନୁଭବ କରନ୍ତି । ମୁଁ, ତୁ, ସେ, ଏହି ସଂସାର ଇତ୍ୟାଦି ଭେଦଜ୍ଞାନ ରହେ ନାହିଁ । ନିର୍ଭୀକ ଭାବେ ଭ୍ରମଣ କରନ୍ତି ।

ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ପଥପାର୍ଶ୍ୱରେ ପଡ଼ିଥିବା ଛିଣ୍ଡା କନାଗୁଡ଼ିକ ଗୋଟାଇ ଦେହାବରଣ କରନ୍ତି । ମନରେ ସାଧାରଣ ଲୋକଙ୍କ ଭଳି କିଛି ବିକାର ନଥାଏ । ସେ ଶରୀରର ଦାସ ନୁହନ୍ତି । ଜୀବନ୍ମୁକ୍ତ ବା ଗୁଣାତୀତ ପୁରୁଷଙ୍କୁ ପାପ-ପୁଣ୍ୟ ମଧ୍ୟ ସ୍ପର୍ଶ କରିପାରେ ନାହିଁ । ପ୍ରାରବ୍ଧ କର୍ମ ଅନୁସାରେ ଜୀବନର ବାକି ସମସ୍ତ ଅତିବାହିତ କରୁଥିଲେ ମଧ୍ୟ, ବିଶୁଦ୍ଧ ଅନ୍ତଃକରଣରେ ସ୍ୱତଃପ୍ରବୃତ୍ତି ସ୍ୱଭାବରେ କାର୍ଯ୍ୟ କରୁଥିବା ହେତୁ, ପାପ ଏବଂ ପୁଣ୍ୟର ପ୍ରଭାବ ସ୍ପର୍ଶ କରେନାହିଁ ।

ସାଧାରଣ ଲୋକଙ୍କର ଚିନ୍ତାଧାରା ଭିନ୍ନ । ଶରୀର ସର୍ବସ୍ୱ ଜ୍ଞାନରେ, ଉପଭୋଗ ବାସନାରେ ଭୋଗ-ସାମଗ୍ରୀର ସଂଗ୍ରହ କରିବାରେ ଲାଗିପଡ଼ନ୍ତି । ମନରେ ଶାନ୍ତି ନଥାଏ ବା ଅନ୍ତରରେ ଆନନ୍ଦ ଉପଭୋଗ କରିପାରନ୍ତି ନାହିଁ । ଗତ ବିଷୟର ଚିନ୍ତା ଏବଂ ଭବିଷ୍ୟତର ଭାବନା ମନକୁ ଅସ୍ଥିର କରିଦିଏ । ବିଷୟ ସଂଯୋଗରୁ ଇନ୍ଦ୍ରିୟଜନିତ ଯେଉଁ ସୁଖ ତାହା କ୍ଷଣସ୍ଥାୟୀ ଏବଂ ଅନିଷ୍ଟର କାରଣ । ତେଣୁ ହେ ମୂଢ଼ ! କେବଳ ଭୋଗ ଇଚ୍ଛାରେ ଉପଭୋଗ ସାମଗ୍ରୀଗୁଡ଼ିକର ବୃଦ୍ଧି ନକରି ଆତ୍ମଚିନ୍ତନପୂର୍ବକ ବ୍ରହ୍ମାନନ୍ଦ ସୁଖ ଅନୁଭବ କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

କସ୍ତ୍ୱଂ କୋଽହଂ କୁତ ଆୟାତଃ
କା ମେ ଜନନୀ କୋ ମେ ତାତଃ ।
ଇତି ପରିଭାବୟ ସର୍ବମସାରଂ
ବିଶ୍ୱଂ ତ୍ୟକ୍ତ୍ୱା ସ୍ୱପ୍ନବିଚାରମ୍ । ୨୩ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ... )

ତୁମେ କିଏ ? ମୁଁ କିଏ ? କେଉଁଠାରୁ ଆସିଲି ? କିଏ ମୋର ମାତା ? କିଏ ମୋର ପିତା ? ଏହିପରି ସମସ୍ତ ବିଷୟ ଅସାର ଚିନ୍ତାକରି ସ୍ୱପ୍ନବତ୍ ସଂସାରକୁ ତ୍ୟାଗକର ।

ବ୍ୟାଖ୍ୟା—ଏହି ପରିଚ୍ଛେଦରେ ବିବେକ ଦ୍ୱାରା ନିତ୍ୟ ଏବଂ ଅନିତ୍ୟ ବସ୍ତୁର ପୃଥକୀକରଣ ବିଷୟ କୁହାଯାଇଅଛି । ଯାହା ସବୁବେଳେ ରହେ ଏବଂ ଅପରିବର୍ତ୍ତିତ ତାହା ନିତ୍ୟ ବା ସତ୍ । ଯାହା ନାଶବାନ୍ ଏବଂ ପ୍ରତ୍ୟେକ ସମୟରେ ପରିବର୍ତ୍ତିତ ତାହା ଅନିତ୍ୟ ବା ଅସତ୍ । ଏହା ବିବେକ ଦ୍ୱାରା ବୋଧହୁଏ ।

ଆମେ ମନରେ ସମସ୍ତପ୍ରକାର ସୁଖ ଚିନ୍ତାକରି ଭୋଗବସ୍ତୁ ସଂଗ୍ରହ କରୁ । ସ୍ତ୍ରୀ, ସନ୍ତାନ, ପିତା, ମାତାଙ୍କ ସହିତ ପରିବାରରେ ସୁଖରେ ରହିବା ଇଚ୍ଛା କରୁ । ଧନ ଏବଂ ପ୍ରତିଷ୍ଠା ଲାଭ ଲକ୍ଷ୍ୟରେ ଜଗତ ସହ ସମ୍ବନ୍ଧ ସ୍ଥାପନ କରୁ । କାମିନୀ ଏବଂ କାଞ୍ଚନର ମୋହ ସୁଖକର ଲାଗେ । କିନ୍ତୁ ଏହି ସୁଖ ସବୁବେଳେ ମିଳେନାହିଁ । ଏହା କ୍ଷଣିକ ଏବଂ ନାଶବାନ୍ । ସ୍ତ୍ରୀର ସଂଯୋଗ ଯେଉଁ ସୁଖ ଦେଉଅଛି ତାହାର ବିୟୋଗ ଅଧିକ କଷ୍ଟଦାୟକ ହୁଏ । ଭବିଷ୍ୟତରେ ପୂର୍ବଠାରୁ ଯେଉଁ ସୁଖ ପାଇବା ଇଚ୍ଛା କରୁଅଛେ, ତାହାର ସ୍ଥିରତା ରହେନାହିଁ । ଯେଉଁ ଭୋଗ ପଦାର୍ଥଗୁଡ଼ିକର ସଂଗ୍ରହରେ ଲାଗି ପଡ଼ିଅଛେ ତାହାର ବିନାଶ ବହୁଗୁଣ କଷ୍ଟଦାୟକ ହୁଏ । ଯେଉଁ ସ୍ତ୍ରୀ ଏବଂ ସନ୍ତାନର ମୋହରେ ଜୀବନ ତମାମ ଘାଣ୍ଟି ହେଉଅଛେ ସେମାନେ କେଉଁ ମୁହୂର୍ତ୍ତରେ ଆମକୁ ଛାଡ଼ିଚାଲିଯିବେ ଅଥବା ଆମେ ସେମାନଙ୍କୁ ଛାଡ଼ିଯିବା ତାହାର ଠିକଣା ନାହିଁ । ତେଣୁ ହେ ଭାଇ, ଏହି ସଂସାରର ଅସାରତା (ଅନିତ୍ୟତା) ବିଷୟରେ ଚିନ୍ତା କର ।

ଆମେ ସ୍ୱପ୍ନରେ ସୁଖ-ଦୁଃଖ ଭୋଗକରୁ । ଜାଗ୍ରତ ହେବା ପରେ ଆଉ ସେହି ସୁଖ, ଦୁଃଖ ରହେନାହିଁ । ତାହା ମିଥ୍ୟା ଜଣାଯାଏ । ସ୍ୱପ୍ନ ଅବସ୍ଥାରେ ତାହା ସତ୍ୟ ବୋଧ ହୋଇଥାଏ । ସେହିପରି ଅଜ୍ଞାନ (ଅବିଦ୍ୟା) ହେତୁ ଏହି ସଂସାର ଆମକୁ ସତ୍ୟ ବୋଧ ହେଉଅଛି । ଆମେ ସୁଖ ଓ ଦୁଃଖ ଭୋଗକରି ଆନନ୍ଦିତ ବା ମ୍ରିୟମାଣ ହୋଇ ପଡ଼ୁଅଛେ । ଆମେ କିଏ ଏବଂ କେଉଁଠାରୁ ଆସିଅଛେ ବିଚାର କରିବା ଉଚିତ । ଆମେ ଯେ ଏହି ନାଶବାନ୍ ଶରୀର ନୁହଁ, ଆମର ଆନନ୍ଦ ସ୍ୱରୂପ ଆତ୍ମା, ବିବେଚନାର ବିଷୟ । ଆମେ ଯେ ସେହି ପରମାତ୍ମାଙ୍କ ଅଂଶ ଏବଂ ସେହି ପରମାତ୍ମା ହେଉଛନ୍ତି ଆମର ମୂଳ ଆଶ୍ରୟସ୍ଥଳ, ଏହି ଜ୍ଞାନ ହେଉନାହିଁ । ଜ୍ଞାନଦ୍ୱାରା ସଂସାରର ସୁଖ-ଦୁଃଖର ଭାବନା ତ୍ୟାଗକଲେ ଆମେ ଶାନ୍ତି ପାଇପାରିବା । ସ୍ୱପ୍ନବତ୍ ଏହି ସଂସାରକୁ ତ୍ୟାଗ କରିବା ଉଚିତ । ତେବେ କେବଳ ଆମେ ପ୍ରକୃତ ଆନନ୍ଦ ପାଇପାରିବା । ତେଣୁ ହେ ମୂଢ଼ ! ଆତ୍ମଚିନ୍ତନ ପୂର୍ବକ ମିଥ୍ୟା ସଂସାର ପ୍ରତି ଆସ୍ଥା ଛାଡ଼ି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ତ୍ୱୟି ମୟି ଚାନ୍ୟତ୍ରୈକୋ ବିଷ୍ଣୁ-
ର୍ବ୍ୟର୍ଥଂ କୁପ୍ୟସି ମୟ୍ୟସହିଷ୍ଣୁଃ ।
ସର୍ବସ୍ମିନ୍ନପି ପଶ୍ୟାତ୍ମାନଂ
ସର୍ବତ୍ରୋତ୍ସୃଜ ଭେଦଜ୍ଞାନମ୍ ॥ ୨୪ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ତୁମଠାରେ, ମୋଠାରେ ଏବଂ ଅନ୍ୟମାନଙ୍କଠାରେ ଏକ ବିଷ୍ଣୁ (ବାସୁଦେବ) ଅଛନ୍ତି । ତେଣୁ ତୁମେ ଅସହିଷ୍ଣୁ ହୋଇ ମୋ ପ୍ରତି କ୍ରୋଧ କରିବା ବୃଥା । ସମସ୍ତଙ୍କଠାରେ ବ୍ୟାପ୍ତରୂପେ ଏକ ପରମାତ୍ମାଙ୍କୁ ଦେଖି ଭେଦଜ୍ଞାନ ତ୍ୟାଗ କର ।

ବ୍ୟାଖ୍ୟା—ପରମାତ୍ମା, ବ୍ୟାପ୍ତ ରୂପରେ ସମସ୍ତ ପ୍ରାଣୀ ଏବଂ ପଦାର୍ଥରେ ବିଦ୍ୟମାନ । ଅଦ୍ୱୈତ ବେଦାନ୍ତ ମତରେ ଜଡ଼-ଚେତନ ସମସ୍ତ ଜଗତ ବ୍ରହ୍ମ ଅଟେ । ଜଗତରେ ଏକ ସର୍ବବ୍ୟାପୀ ଅସୀମ ସତ୍ତା ଭିନ୍ନ ଆଉ କିଛି ନାହିଁ । ଏହାହିଁ ପରମାତ୍ମଚିନ୍ତନ ।

ସମସ୍ତ ଭୂତ (ଚେତନ, ଅଚେତନ) ଯେଉଁଠି ବାସ କରନ୍ତି ତାହାକୁ 'ବାସୁ' ଏବଂ ସମସ୍ତ ଜଗତ ଯେ ପ୍ରକାଶ କରେ ତାହାକୁ 'ଦେବ' କୁହାଯାଏ । ବାସୁଦେବ ହିଁ ବ୍ରହ୍ମଙ୍କ ବ୍ୟକ୍ତ ମୂର୍ତ୍ତି । ବାସୁଦେବ ହିଁ 'ବିଷ୍ଣୁ', ଯେ ବ୍ୟାପ୍ତ ରୂପେ ସର୍ବତ୍ର ସ୍ଥିତ । ଏହାଙ୍କ ସ୍ୱରୂପ—ସତ୍, ଚିତ୍ ଏବଂ ଆନନ୍ଦ । ଉପାସନା ପାଇଁ ଯେଉଁ ରୂପଚିନ୍ତା ତାହା ସଚ୍ଚିଦାନନ୍ଦ ବ୍ରହ୍ମଙ୍କ ଘନମୂର୍ତ୍ତି ମାତ୍ର । ଏହା ବିଷ୍ଣୁଙ୍କ ସାକାର ରୂପର ପରିକଳ୍ପନା ।

ପରମାତ୍ମା (ବିଷ୍ଣୁ)ଙ୍କ ଶକ୍ତିବଳରେ କେବଳ ଆମେ ସମସ୍ତ କାର୍ଯ୍ୟ କରୁଅଛେ । ସବୁ ପ୍ରାଣୀଙ୍କର ଯେଉଁ ହସ୍ତପଦ ଅଛି, ତହିଁରେ ଶକ୍ତି ରୂପରେ ରହି ସେ ସବୁକୁ ସ୍ୱ ସ୍ୱ କାର୍ଯ୍ୟରେ ନିୟୋଜିତ କରୁଅଛନ୍ତି । ଜ୍ଞାନ ଅଭାବରୁ ଆମେ ନିଜକୁ ପୃଥକ୍ ଅନୁଭବ କରୁଅଛେ । ସମଦର୍ଶନର ଭାବନା ଆସେନାହିଁ । ଅନ୍ୟମାନଙ୍କ ପ୍ରତି ଅସହିଷ୍ଣୁ ହୋଇଉଠୁ । ସର୍ବତ୍ର ବିଷ୍ଣୁଭାବ ଆସେ ନାହିଁ । ସ୍ଥିର ଚିତ୍ତରେ ପ୍ରତ୍ୟେକ ଜୀବଙ୍କୁ ସ୍ୱୟଂ ନାରାୟଣ ଏବଂ ଦୃଶ୍ୟମାନ ଶରୀର ଯେ ଜୀବନ୍ତ ମନ୍ଦିର ମନେକରିବା ବିଷ୍ଣୁବୁଦ୍ଧି । ଜୀବକୁ ଶିବ, ନରକୁ ନାରାୟଣ, ଜନକୁ ଜନାର୍ଦ୍ଦନ, ଭକ୍ତଙ୍କୁ ଭଗବାନ୍ ଦର୍ଶନ ହିଁ ଈଶ୍ୱର ଦର୍ଶନ ।

ସମସ୍ତ ଭୂତରେ ଆତ୍ମଦର୍ଶନ ବା ସମଭାବଚିନ୍ତା ସହଜ ନୁହେଁ । କେବଳ ଶାସ୍ତ୍ରପାଠ ଏବଂ ଗୁରୁଙ୍କ ଉପଦେଶ ଶୁଣି ବୋଧ ହୁଏ ନାହିଁ । ମାନସିକ ସ୍ତରରେ କିଛି

ଉପଲବ୍ଧି ହୋଇପାରେ କିନ୍ତୁ କାର୍ଯ୍ୟକ୍ଷେତ୍ରରେ କିଛି ଫଳ ମିଳେନାହିଁ । ବିବେକର ଉଚ୍ଚସ୍ତରରେ ସର୍ବଦା ମନନ କଲେ କିଛି କାର୍ଯ୍ୟକାରୀ ହୁଏ । କାହାଠାରୁ ଶୁଣି ବା ପଢ଼ି ଜାଣି ହୁଏ ନାହିଁ । ଏହା ପ୍ରତ୍ୟକ୍ଷ ବା ପରୋକ୍ଷ ଜ୍ଞାନ ନୁହେଁ ; ସ୍ୱତଃ ଜ୍ଞାନ।

ଯେଉଁମାନଙ୍କର ଜ୍ଞାନ ହୋଇନାହିଁ ସେମାନେ କେବଳ ବିଭିନ୍ନ ଭେଦାଭେଦ ଚିନ୍ତା କରନ୍ତି । ବଡ଼ ସାନ ଭାବନା ଆସେ । ଅନ୍ୟପ୍ରତି କ୍ରୋଧାନ୍ୱିତ ହୁଅନ୍ତି । ଅନ୍ୟର କ୍ଷତି ଓ ଦ୍ୱେଷ ଚିନ୍ତା ଯେ, ନିଜର କ୍ଷତିକରେ ଜାଣିପାରନ୍ତି ନାହିଁ । ତେଣୁ ହେ ମୂଢ଼ ! ସମଭାବ ଚିନ୍ତାରେ ସମସ୍ତଙ୍କଠାରେ ଏକ ବିଷ୍ଣୁଭାବ ଜ୍ଞାନକରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ଶତ୍ରୌ ମିତ୍ରେ ପୁତ୍ରେ ବନ୍ଧୌ
ମା କୁରୁ ଯତ୍ନଂ ବିଗ୍ରହସଂଧୌ ।
ଭବ ସମଚିତ୍ତଃ ସର୍ବତ୍ର ତ୍ୱଂ
ବାଞ୍ଛସ୍ୟଚିରାଦ୍ ଯଦି ବିଷ୍ଣୁତ୍ୱମ୍ ॥ ୨୫ ॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)

ଯଦି ଅବିଳମ୍ବେ ବିଷ୍ଣୁତ୍ୱ ପ୍ରାପ୍ତିର ଇଚ୍ଛା ଅଛି, ତେବେ ଶତ୍ରୁ, ମିତ୍ର, ପୁତ୍ର ଏବଂ ବନ୍ଧୁ ସମସ୍ତଙ୍କଠାରେ ଅନୁରାଗ ଓ ଦ୍ୱେଷଭାବ ତ୍ୟାଗକରି ସମଦର୍ଶୀ ହୁଅନ୍ତୁ ।

ବ୍ୟାଖ୍ୟା—ଯେ, ସର୍ବତ୍ର ବାସୁଦେବଙ୍କ ସ୍ଥିତି ଅନୁଭବ କରନ୍ତି ଏବଂ ସମସ୍ତ ବିଶ୍ୱ ପରମାତ୍ମାଙ୍କ ବ୍ୟକ୍ତ ରୂପ ଜ୍ଞାନ କରନ୍ତି ତାହାଙ୍କର ଭେଦଜ୍ଞାନ ଦୂର ହୋଇ ସମଭାବ ଚିନ୍ତା ଆସେ । ଶତ୍ରୁ ଓ ମିତ୍ରଠାରେ ସମଭାବ ଏବଂ ମାନ ଓ ଅପମାନରେ ସମାନ ରହନ୍ତି । ଏହି ସମଦର୍ଶୀ ଭାବନାରେ କେବଳ ଭଗବତ୍-ପ୍ରାପ୍ତି ସହଜ ଓ ଚଞ୍ଚଳ ହୁଏ ।

ପୃଥକ୍ ପୃଥକ୍ ଜ୍ଞାନ ହେଉଛି ରାଜସିକ ଏବଂ ସୀମିତ ବସ୍ତୁରେ ପୂର୍ଣ୍ଣ ଜ୍ଞାନ କରିବା ହେଉଛି ତାମସିକ ଜ୍ଞାନ । ରାଜସିକ ଜ୍ଞାନରୁ ଭେଦାଭେଦ ଚିନ୍ତାଧାରା ଏବଂ ତାମସିକ ଜ୍ଞାନରୁ ନିର୍ଦ୍ଦିଷ୍ଟ ବସ୍ତୁରେ ମୋହଜନିତ ଅବସ୍ଥାର ସୃଷ୍ଟି । ସର୍ବତ୍ର ଏକ ସଦ୍ ବସ୍ତୁର ସ୍ଥିତି ଜ୍ଞାନ ହେଉଅଛି ସାତ୍ତ୍ୱିକ ଜ୍ଞାନ । ଏହା ସମଭାବ ଚିନ୍ତା । ରାଗ-ଦ୍ୱେଷ ଏବଂ ମୋହଜନିତ ଅଜ୍ଞାନ ଅବସ୍ଥା ହେତୁ ଆମର ସମସ୍ତ ମାନସିକ ଅଶାନ୍ତି । ନିଜ ଏବଂ ନିଜର ବିଷୟଗୁଡ଼ିକ ପ୍ରତି ଆମର ଯେପରି ଅନୁରାଗ ଜାତ ହୁଏ, ପରପ୍ରତି ସେହିପରି

ଭାବ ଜାତ ହୁଏ ନାହିଁ । ନିଜର ଅପକାର୍ଯ୍ୟ ପାଇଁ ନିଜକୁ ଘୃଣା କରନ୍ତି ନାହିଁ; କିନ୍ତୁ ଅନ୍ୟର ସେହିପରି କାର୍ଯ୍ୟ ଦେଖି ଅସହ୍ୟ ହୋଇଉଠନ୍ତି । ଆମର କୌଣସି ଅଙ୍ଗରେ ଅସହ୍ୟ ପୀଡ଼ା ହେଲେ ମଧ୍ୟ ସେହି ଅଙ୍ଗପ୍ରତି ଆମର ଶତ୍ରୁତା ଜାତ ହୁଏ ନାହିଁ କିନ୍ତୁ ନିଜର ଭାଇ ସାମାନ୍ୟ ଅସହ୍ୟ କଥା କହିଲେ ବିଚଳିତ ହେଉ । ଯଦି ଆମର ଦାନ୍ତ, ଜିହ୍ୱାକୁ ଚୋବାଇ ଦିଏ ତେବେ ଆମେ ପାଟିରୁ ସେହି ଦାନ୍ତଗୁଡ଼ିକୁ ବାହାର କରିଦେଉନାହୁଁ କିନ୍ତୁ ଅନ୍ୟ କେହି କଥାରେ ଆମକୁ ସାମାନ୍ୟ ଆଘାତ କଲେ, ତାହାଙ୍କର ସମୂଳେ ସର୍ବଂଶେ ସମସ୍ତ ନାଶ କରିବା ଚିନ୍ତାକରୁ । ଆମର ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଠିକ୍‌ଭାବେ କାର୍ଯ୍ୟକରି ଯେପରି ଶରୀର-କ୍ରିୟା ଚାଲିଅଛି ସେହିପରି ସମସ୍ତଙ୍କ ସ୍ଥିତିରେ ଏହି ବିଶ୍ୱର କାର୍ଯ୍ୟ-କଳାପ ଚାଲିଅଛି । ପରମାତ୍ମାଙ୍କଠାରୁ ଜାତ ଏହି ଜଗତର ସମସ୍ତ କ୍ରିୟାକଳାପ ମଧ୍ୟ ସେହିପରି ଚାଲିଥିବା ଭାବନା, ସମଚିତ୍ତ ଜ୍ଞାନ । ଯେ ସର୍ବଭୂତରେ ଭଗବାନଙ୍କ ଅବସ୍ଥିତି ଏବଂ ସମସ୍ତ ଭୂତ ଭଗବାନଙ୍କଠାରେ ସ୍ଥିତ ଅନୁଭବ କରନ୍ତି ସେ ପ୍ରକୃତ ସମଦର୍ଶୀ (୬-୨୯ ଗୀତା) ଏହିପରି ଚିନ୍ତାଧାରା ବିଷ୍ଣୁତ୍ୱ ପ୍ରାପ୍ତିର ଲକ୍ଷଣ । ତେଣୁ ହେ ମୂଢ଼ ! ଶତ୍ରୁ, ମିତ୍ର, ପୁତ୍ର, ବନ୍ଧୁ ସମସ୍ତଙ୍କଠାରେ ସମଦର୍ଶୀ ହୋଇ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

କାମଂ କ୍ରୋଧଂ ଲୋଭଂ ମୋହଂ
ତ୍ୟକ୍ତ୍ୱାଽଽତ୍ମାନଂ ଭାବୟ କୋଽହମ୍ ।
ଆତ୍ମଜ୍ଞାନବିହୀନା ମୂଢ଼ା-
ସ୍ତେ ପଚ୍ୟନ୍ତେ ନରକନିଗୂଢ଼ାଃ ॥ ୨୬ ॥
(ଭଜ ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)

କାମ, କ୍ରୋଧ, ଲୋଭ, ମୋହ ତ୍ୟାଗକରି ମୁଁ କିଏ ବିଚାର କର । ଆତ୍ମଜ୍ଞାନବିହୀନ ମୂର୍ଖମାନେ ନରକରେ ପଡ଼ି ନାନା ଯନ୍ତ୍ରଣା ଭୋଗ କରନ୍ତି ।

ବ୍ୟାଖ୍ୟା—କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ—ଏହି ଗୁଡ଼ିକ ଆମର ପ୍ରଧାନ ଶତ୍ରୁ ରୂପେ କାର୍ଯ୍ୟ କରନ୍ତି । ସବୁଠାରୁ ବଳବାନ୍ ଶତ୍ରୁ ହେଉଛି 'କାମ' ବା କାମନା । କାମର ଆତ୍ୟନ୍ତିକ ଭାବରୁ ମୋହ ଅବସ୍ଥା । ମୋହ, ତାମସିକ ଏବଂ କାମ, ରାଜସିକ ପ୍ରକୃତିରୁ ଜାତ । ଭୋଗର ପ୍ରବଳ ଇଚ୍ଛାରେ ଭୋଗବସ୍ତୁଗୁଡ଼ିକୁ ନିଜର ଆୟତ୍ତରେ ଆଣିବାର ଚେଷ୍ଟା ହେଉଛି 'କାମ' । ଏଥିରେ କୌଣସି ବାଧା ସୃଷ୍ଟି ହେଲେ କ୍ରୋଧ ଜାତ ହୁଏ । ଭୋଗ-ସାମଗ୍ରୀ ସଂଗ୍ରହର ଚେଷ୍ଟା ହେଉଅଛି

'ଲୋଭ' । ମନ ସହିତ ପଞ୍ଚ ଜ୍ଞାନେନ୍ଦ୍ରିୟ, ବିଷୟ ଭୋଗ ପାଇଁ ଆମକୁ ଟାଣି ନିଅନ୍ତି । ମନ, ଭଗବାନଙ୍କଠାରେ ନ ରହିଲେ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା ସହଜ ନୁହେଁ । ଏହା ଆତ୍ମଜ୍ଞାନ ଦ୍ୱାରା ସମ୍ଭବ । 'ମୁଁ କିଏ' ବିଚାର କରିବା ଜ୍ଞାନ ହେଉଛି ଆତ୍ମଜ୍ଞାନ । ବିବେକ ଦ୍ୱାରା ଏହା ଉପଲବ୍ଧି କରିହୁଏ । ନିତ୍ୟ ଏବଂ ଅନିତ୍ୟ ବସ୍ତୁର ସ୍ପଷ୍ଟଭାବେ ପୃଥକୀକରଣ ଜ୍ଞାନକୁ ବିବେକ କୁହାଯାଏ । ଯେଉଁମାନଙ୍କର ବିବେକ ନାହିଁ ସେମାନେ ପଶୁତୁଲ୍ୟ ।

ଅମ୍ଭେମାନେ ସୁଖ ପାଇବା ଲକ୍ଷ୍ୟରେ ଅନିତ୍ୟ ବସ୍ତୁମାନଙ୍କର ପଛରେ ଧାଇଁ ନାନାପ୍ରକାର ଦୁଃଖ ଓ ଯନ୍ତ୍ରଣା ଭୋଗକରୁ । ମାନସିକ ଅସ୍ଥିରତା, ନାନାପ୍ରକାର ଅଶାନ୍ତି, ଶାରୀରିକ ଅସୁସ୍ଥତା ଇତ୍ୟାଦି ଏହାର ପରିଣାମ । ଏହା ନରକ ସଦୃଶ୍ୟ । ଆତ୍ମାର ପରିଚୟ ନପାଇ କେବଳ ଶରୀରକୁ ଆତ୍ମଜ୍ଞାନ କରି ଆମର ଏହି ଅବସ୍ଥା । ଆତ୍ମଜ୍ଞାନୀ ସମଗ୍ର ବସୁଧାକୁ ନିଜ କୁଟୁମ୍ବ ଜ୍ଞାନ କରନ୍ତି । ସମସ୍ତଙ୍କଠାରେ ଏକ ଆତ୍ମାକୁ ହିଁ ଦର୍ଶନ କରିଥାନ୍ତି । କିନ୍ତୁ ମୂର୍ଖମାନେ ଆତ୍ମଜ୍ଞାନ ଅଭାବରୁ ସଂସାର-ରୂପକ ନର୍କରେ ବାରଂବାର ପଡ଼ି ଯନ୍ତ୍ରଣା ଭୋଗ କରନ୍ତି ।

'ମୁଁ' ଏବଂ 'ମୋର' ଭାବନାରେ କେବଳ ଆମେ ସମସ୍ତ ପ୍ରକାର ଯନ୍ତ୍ରଣା ଭୋଗ କରୁଅଛେ । ନିଜକୁ ଜଗତଠାରୁ ଭିନ୍ନ ବୁଝି ଏହି ଅବସ୍ଥା । ଜ୍ଞାନ ଉପଲବ୍ଧି କରି ନିଜର ପ୍ରକୃତ ସ୍ୱରୂପକୁ ଚିହ୍ନିବା ଉଚିତ । ଆମେ ଯେ ସେହି ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ଅଂଶ ଉପଲବ୍ଧି କଲେ, ସଂସାରର ଯନ୍ତ୍ରଣା ସ୍ପର୍ଶ କରିପାରେ ନାହିଁ । ତେଣୁ ହେ ମୂଢ଼ ! ଆତ୍ମଜ୍ଞାନପୂର୍ବକ କାମ, କ୍ରୋଧ, ଲୋଭ, ମୋହର ନାରକୀୟ ଯନ୍ତ୍ରଣା ଦୂର କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ଗେୟଂ ଗୀତାନାମସହସ୍ରଂ**
**ଧ୍ୟେୟଂ ଶ୍ରୀପତିରୂପମଜସ୍ରମ୍ ।**
**ନେୟଂ ସଜ୍ଜନସଙ୍ଗେ ଚିତ୍ତଂ**
**ଦେୟଂ ଦୀନଜନାୟ ଚ ବିତ୍ତମ୍ ॥ ୨୭ ॥**
**(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)**

ନିତ୍ୟ, ଗୀତା ଏବଂ ବିଷ୍ଣୁସହସ୍ର ନାମ ପାଠ କରିବା, ଲକ୍ଷ୍ମୀପତି ଭଗବାନ୍ ବିଷ୍ଣୁଙ୍କ ରୂପ ଧ୍ୟାନ କରିବା, ମନକୁ ସାଧୁମାନଙ୍କ ସଙ୍ଗରେ ଲଗାଇବା ଏବଂ ଧନ, ଦୀନଜନମାନଙ୍କ ସେବାରେ ଖଟାଇବା ଉଚିତ ।

ବ୍ୟାଖ୍ୟା—ଶ୍ରୀମଦ୍ ଭଗବଦ୍ ଗୀତା ପାଠ, ବିଷ୍ଣୁଙ୍କ ରୂପ ଧ୍ୟାନ ଏବଂ ପୂଜା, ସଜ୍ଜନମାନଙ୍କ ସଙ୍ଗ ଏବଂ ଦୀନଜନଙ୍କ ସେବା ପ୍ରତିଦିନ କରିବା ବିଷୟ ଏହି ପରିଚ୍ଛେଦରେ କୁହାଯାଇଅଛି । ଗୀତା, ଶ୍ରେଷ୍ଠ ଆଧ୍ୟାତ୍ମିକ ଗ୍ରନ୍ଥ ଏବଂ ସମସ୍ତ ଉପନିଷଦ୍ର ସାର । ଅର୍ଥବୋଧ କରି ଏହାର ନିତ୍ୟପାଠ ଆମ୍ଭମାନଙ୍କର ମନରେ ପରିବର୍ତ୍ତନ ଆଣି ନୂତନ ଆଲୋକ ଦେଖାଏ । ମନରେ ଭାବ ଜାତ କରାଇ ସଂସାରର ସମସ୍ତ କାର୍ଯ୍ୟ ଠିକ୍ ନିୟମରେ କରିବାର ପ୍ରେରଣା ଦିଏ । ଆମର ଦୈନନ୍ଦିନ ଜୀବନ ନିର୍ବାହ ପାଇଁ ଏହାର ଉପଯୋଗିତା ବେଶି । କେବଳ ପାଠ ନ କରି ଏହାର କିୟତ୍ ଅଂଶ ମଧ୍ୟ ଜୀବନରେ ପ୍ରୟୋଗ କରିବାର ଅଭ୍ୟାସ କଲେ ସାଧାରଣ ଲୋକ ମଧ୍ୟ ମହାନ୍ ହୋଇଯାନ୍ତି ।

ପ୍ରତିଦିନ ଗୀତା ଏବଂ ବିଷ୍ଣୁସହସ୍ରନାମ ପାଠ କରିବା ବିଷୟ କୁହାଯାଇଅଛି । 'ବିଷ୍ଣୁ' ଶବ୍ଦର ଅର୍ଥ ବ୍ୟାପିରହିବା । ଯେ ସମସ୍ତ ବିଶ୍ୱରେ ବ୍ୟାପ୍ତ ରୂପେ ଅବସ୍ଥିତ ସେ ହେଉଛନ୍ତି 'ବିଷ୍ଣୁ' । ଅଦ୍ୱୈତ ବେଦାନ୍ତ ମତରେ 'ଏକମେବାଦ୍ୱିତୀୟମ୍' ଅର୍ଥାତ୍ ଏକ ସର୍ବବ୍ୟାପୀ ଅସୀମ ସତ୍ତା ଭିନ୍ନ ଅନ୍ୟକିଛି ନାହିଁ । ଏହା ବ୍ରହ୍ମଚିନ୍ତା, ଯାହାକୁ ପରମାତ୍ମା ବା ଭଗବାନ୍ କୁହାଯାଏ । ଆଖିର ଦେଖିବା ଶକ୍ତି, ମନର ଭାବନା ଶକ୍ତି, ବୁଦ୍ଧିର ବିଚାର ଶକ୍ତି, ହସ୍ତ ଓ ପଦର ଚଳନ ଶକ୍ତି ଇତ୍ୟାଦି ଏହି ପରମାତ୍ମାଙ୍କ ଶକ୍ତି ଦ୍ୱାରା ହିଁ ସମ୍ଭବ । ସବୁ ନଦୀ ଗଡିଗଡି ପରିଶେଷରେ ଯେପରି ସମୁଦ୍ରରେ ମିଶେ ସେହିପରି ଅନ୍ୟ ଦେବତାମାନଙ୍କର ପୂଜା ମଧ୍ୟ ବିଷ୍ଣୁଙ୍କୁ ପ୍ରାପ୍ତି ହୁଏ । ଅନ୍ୟ ଦେବତା-ମାନଙ୍କର ଚିନ୍ତା, ବିଷ୍ଣୁଙ୍କ ବିଭିନ୍ନ ଶକ୍ତିର ଚିନ୍ତା ମାତ୍ର । ତେଣୁ ବିଷ୍ଣୁସହସ୍ର ନାମ ପାଠ ଏବଂ ବିଷ୍ଣୁଙ୍କ ସ୍ୱରୂପ ଚିନ୍ତନକୁ ମୁଖ୍ୟ ସ୍ଥାନ ଦିଆଯାଇଅଛି । ଏହି ଜଗତ ଏବଂ ଅନ୍ତର୍ଜଗତର ସମସ୍ତ ରହସ୍ୟ ଏବଂ ବିଭିନ୍ନ ସିଦ୍ଧ ସାଧକମାନଙ୍କର ଭକ୍ତି, ଜ୍ଞାନ, ଯୋଗ, ତନ୍ତ୍ର ସାଧନର ଅନୁଭୂତି, ରୂପ ନେଇଥିବା ହେତୁ ବିଷ୍ଣୁସହସ୍ରନାମର ସଂହିତାଗୁଡ଼ିକ ମନ୍ତ୍ର ସ୍ୱରୂପ । ଗୀତା, ଭଗବାନଙ୍କ ମୁଖ ନିଃସୃତ ବାଣୀ ଏବଂ ମନ୍ତ୍ର ସ୍ୱରୂପ । ତେଣୁ ଦୈନନ୍ଦିନ କର୍ମରେ ଗୀତା ଏବଂ ବିଷ୍ଣୁସହସ୍ରନାମ ପାଠ ସ୍ଥାନ ପାଇବା ଉଚିତ । ସମୟ ଅଭାବରୁ ପୂର୍ଣ୍ଣଭାବେ ପାଠ କରାଯାଇ ନ ପାରିଲେ ମଧ୍ୟ କିଛି ପାଠକରି ମନନ କଲେ ବିଶେଷ ଉପକାରରେ ଆସେ ।

ମନ ଏପରି ଚଞ୍ଚଳ ଏବଂ ସଂସାରର ବିଷୟ ଭୋଗର ଆକର୍ଷଣ ଏତେ ପ୍ରବଳ ଯେ, ସତ୍‌ଚିନ୍ତାରେ ଆମେ କାର୍ଯ୍ୟ ଆରମ୍ଭ କଲେ ମଧ୍ୟ ସ୍ଥାୟୀ ହୁଏନାହିଁ । ତେଣୁ ସର୍ବଦା ସଜ୍ଜନ ସଙ୍ଗତି ବିଷୟ କୁହାଯାଇଅଛି । ସର୍ବଦା ସତ୍‌ସଙ୍ଗ ଫଳରେ ଆମର ସତ୍‌ଚିନ୍ତାଧାରା ଦୃଢ଼ ଏବଂ ସ୍ଥାୟୀ ହୁଏ । ଶାସ୍ତ୍ର ଧାରଣା ମଧ୍ୟ ସ୍ପଷ୍ଟ ହୁଏ ।

ଗୀତାପାଠ, ବିଷ୍ଣୁପୂଜା ଏବଂ ସତ୍‌ସଙ୍ଗ ସହ ଜନସେବା ମଧ୍ୟ ଆବଶ୍ୟକ । ସର୍ବତ୍ର ଏକ ଚିତ୍‌ସ୍ୱରର ବୋଧ ଉଚ୍ଚତମ ଆଧ୍ୟାତ୍ମିକ ଭାବନା । ଭଗବାନ୍ ସମସ୍ତ ପ୍ରାଣୀଙ୍କ ମଧ୍ୟରେ କ୍ଷେତ୍ରଜ୍ଞ ରୂପେ ରହିଥିବା ବିଷୟ ଗୀତାରେ କୁହାଯାଇଅଛି । ପ୍ରତିଦିନ ଆମର ଉପାର୍ଜିତ ଅର୍ଥ କିଛି ପରିମାଣରେ ଦୀନ ଓ ଅସହାୟମାନଙ୍କୁ ଦାନ କରିବା ଦ୍ୱାରା ପ୍ରକୃତ ପୂଜା ହୁଏ । ଜନାର୍ଦ୍ଦନ ସେବା ନାରାୟଣଙ୍କ ସେବା । ଉଚିତ ମାର୍ଗରେ ଯଥେଷ୍ଟ ଅର୍ଥ ଉପାର୍ଜନ କରି ପରିବାର ପୋଷଣ ସହିତ କିଛି ଅର୍ଥ ଅସହାୟମାନଙ୍କ ପାଇଁ ବ୍ୟୟ କରି ଅନ୍ତଃକରଣର ପବିତ୍ରତା ଜାଗ୍ରତ କରାଯାଇପାରେ । ପରର ଦୁଃଖ, ବେଦନାର ଅନୁଭବ ଏବଂ ବେଦନାର ନିବାରଣ ପାଇଁ ପ୍ରଚେଷ୍ଟା, ମନରେ ସନ୍ତୋଷ ଦିଏ । ଦାତବ୍ୟ ଜ୍ଞାନରେ ଉପଯୁକ୍ତ ପାତ୍ରରେ ଦାନ ଦେବା ଉଚିତ । ତେଣୁ ହେ ମୂଢ଼ ! ନିତ୍ୟ ଗୀତା ଓ ବିଷ୍ଣୁସହସ୍ରନାମ ପାଠ, ସତ୍‌ସଙ୍ଗ ଏବଂ ଦୀନଜନଙ୍କ ସେବା ପୂର୍ବକ ଗୋବିନ୍ଦଙ୍କ ଭଜନ କର ।

**ସୁଖତଃ କ୍ରିୟତେ ରାମାଭୋଗଃ**
**ପଶ୍ଚାଦ୍ଧନ୍ତ ଶରୀରେ ରୋଗଃ ।**
**ଯଦ୍ୟପି ଲୋକେ ମରଣଂ ଶରଣଂ**
**ତଦପି ନ ମୁଞ୍ଚତି ପାପାଚରଣମ୍ ॥ ୨୮ ॥**
**(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ … …)**

ସୁଖ ଭୋଗ ବାସନାରେ ଲୋକ ସ୍ତ୍ରୀ-ସମ୍ଭୋଗ କରେ କିନ୍ତୁ ପରିଣାମରେ ଶରୀରରେ ରୋଗ ହୁଏ । ମୃତ୍ୟୁ ହିଁ ଜୀବନର ଚରମ ଗତି ଜାଣି ମଧ୍ୟ ମନୁଷ୍ୟ ପାପ ଆଚରଣଗୁଡ଼ିକୁ ତ୍ୟାଗ କରିପାରେ ନାହିଁ ।

ବ୍ୟାଖ୍ୟା—ଭୋଗ ଲାଳସା ଜାନ୍ତବ ପ୍ରବୃତ୍ତି । ପର୍ବତାରୋହଣ ଅପେକ୍ଷା ଅବରୋହଣ ପ୍ରକ୍ରିୟା ଯେପରି ସହଜ ସେହିପରି ସତ୍‌କାର୍ଯ୍ୟ ଅପେକ୍ଷା ପଶୁ ପ୍ରବୃତ୍ତିର କ୍ରିୟାକଳାପ ସହଜ ଓ ସରଳ । ଜନ୍ତୁମାନଙ୍କ ମଧ୍ୟରେ ମାନବ ଶ୍ରେଷ୍ଠ । ମନୁଷ୍ୟ ମନରେ ସମୟେ ସମୟେ ଉଚ୍ଚଭାବନା ଏବଂ ସତ୍‌ଚିନ୍ତା ଜାଗ୍ରତ ହୁଏ । ପଶୁ ପ୍ରକୃତିକୁ ଚପାଇ ଉପରକୁ ଉଠିବାକୁ ଚେଷ୍ଟା କରେ; କିନ୍ତୁ ଏହା କଷ୍ଟକର । ଚିନ୍ତାଧାରାର ପରିବର୍ତ୍ତନ ପାଇଁ ଶାସ୍ତ୍ରଜ୍ଞାନ, ସତ୍‌ସଙ୍ଗ ଏବଂ ସାଧନା ଆବଶ୍ୟକ ।

ଯେତେ ଯତି ବା ସାଧକ ହେଲେ ମଧ୍ୟ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା କଷ୍ଟକର । ଭୋଗ ଲାଳସାର ଭାବନା ମନକୁ ହରଣ କରି ନେଇଯାଏ । ସ୍ତ୍ରୀ-ସୁଖ ଚିନ୍ତା

ସବୁଠାରୁ ପ୍ରବଳ । ପ୍ରଜ୍ଞାକୁ ସ୍ଥିର କରି ଈଶ୍ୱରଙ୍କଠାରେ ମନ ନ ରହିଲେ ଏହା ଆୟତ୍ତ କରିବା ସହଜ ନୁହେଁ । ସ୍ତ୍ରୀ-ସମ୍ଭୋଗର ଆସକ୍ତିର ନିବାରଣ ଆବଶ୍ୟକ । 'ଭୋଗେ ରୋଗଭୟମ୍' ଅର୍ଥାତ୍ ଭୋଗରେ ରୋଗର ଭୟ ଅଛି । ଆନନ୍ଦ ଉପଭୋଗର ଅନ୍ୟ ଉପାୟ ନ ଜାଣି ସାଧାରଣତଃ ମାନବ ସୁଖ ପ୍ରାପ୍ତି ନିମିତ୍ତ ଦୈହିକ ସୁଖର ଆଶ୍ରୟ ନେଇଥାଏ । କିନ୍ତୁ ଇନ୍ଦ୍ରିୟଜନିତ ଏହି ଦୈହିକ ସୁଖର ପରବର୍ତ୍ତୀ ପର୍ଯ୍ୟାୟରେ ନାନା ରୋଗ ଯନ୍ତ୍ରଣାର ଶିକାର ହୋଇ ମୃତ୍ୟୁର ଦ୍ୱାରସ୍ଥ ହୋଇଥାଏ । ମୃତ୍ୟୁହିଁ ଚରମଗତି ଜାଣି ମଧ୍ୟ ମନୁଷ୍ୟ ପାପ ଆଚରଣଗୁଡ଼ିକୁ ତ୍ୟାଗ କରିପାରନ୍ତି ନାହିଁ ।

ସ୍ତ୍ରୀ ସମ୍ଭୋଗ ଇଚ୍ଛା ପ୍ରବଳ ହେଲେ ମଧ୍ୟ ସମୟେ ସମୟେ ଆଧ୍ୟାତ୍ମିକ ଚିନ୍ତାଧାରା ଜାଗ୍ରତ ହୋଇ ଉଚ୍ଚ ସ୍ତରକୁ ଗତି କରିବା ଭାବନା ଆସେ । ବୁଦ୍ଧିଦ୍ୱାରା ଧୃତିକୁ ସ୍ଥିର କରି ମନରେ ପ୍ରତିପକ୍ଷ ଚିନ୍ତାପୂର୍ବକ ଏହି ସ୍ତ୍ରୀ ସମ୍ଭୋଗ ଇଚ୍ଛାକୁ ଦୂର କରିବା ବୁଦ୍ଧିମାନର କାର୍ଯ୍ୟ । ତେଣୁ ହେ ମୂଢ଼ ! ରମାଭୋଗଜନିତ ପାପ ଆଚରଣରୁ ନିବୃତ୍ତ ହୋଇ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

**ଅର୍ଥମନର୍ଥଂ ଭାବୟ ନିତ୍ୟଂ**
**ନାସ୍ତି ତତଃ ସୁଖଲେଶଃ ସତ୍ୟମ୍ ।**
**ପୁତ୍ରାଦପି ଧନଭାଜାଂ ଭୀତିଃ**
**ସର୍ବତ୍ରୈଷା କଥିତା ନୀତିଃ ॥ ୨୯ ॥**
**(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ… …)**

ଅର୍ଥ, ଅନର୍ଥର କାରଣ ବୋଲି ସର୍ବଦା ଭାବନା କର । ଅର୍ଥରୁ ପ୍ରକୃତରେ କିଛି ହେଲେ ସୁଖ ମିଳେ ନାହିଁ । ଧନୀଲୋକର ନିଜ ପୁତ୍ରଠାରୁ ମଧ୍ୟ ଭୟ ରହେ । ଏହା ସର୍ବସମ୍ମତ ।

ବ୍ୟାଖ୍ୟା—ଭୋଗ ଇଚ୍ଛାରେ ଆମେ ଅର୍ଥ ସଂଗ୍ରହ କରୁ । ଅର୍ଥରୁ କିଛି ପରିମାଣରେ ସାଂସାରିକ ସୁଖ ମିଳେ କିନ୍ତୁ ପ୍ରକୃତ ଆନନ୍ଦ ମିଳେ ନାହିଁ । ଅର୍ଥଦ୍ୱାରା ନାନାପ୍ରକାର ଭୋଗବସ୍ତୁ ସଂଗ୍ରହ କରି ସୁଖ ପାଇବା ଇଚ୍ଛା କରୁ । ସମାଜରେ ଆମର ସ୍ଥିତି ସୁଦୃଢ଼ କରିବା ପାଇଁ ଅର୍ଥ ବୃଦ୍ଧିରେ ଲାଗିପଡ଼ୁ । ଅର୍ଥଦ୍ୱାରା କେବଳ ଲୋକ ସମସ୍ତ ସୁଖପାଇ ବଳବାନ୍ ଏବଂ ପ୍ରତିଷ୍ଠାବାନ୍ ହେବା ବିଷୟ ଚିନ୍ତା କରୁ ।

ଅର୍ଥ ଉପାର୍ଜନ ଯେ ଅନାବଶ୍ୟକ ତାହା ନୁହେଁ । ପରିବାର ପୋଷଣ ପାଇଁ ସତ୍ ମାର୍ଗରେ ଅର୍ଥସଂଗ୍ରହ କରିବା ଆମର କର୍ତ୍ତବ୍ୟ କର୍ମ । କିନ୍ତୁ ଅର୍ଥର ଲାଳସାରେ ମନୁଷ୍ୟ ଯେଉଁ ପଶୁତୁଲ୍ୟ ଆଚରଣ କରୁଅଛି ଏବଂ ଅପରର କ୍ଷତି କରିବାରେ ମଧ୍ୟ ଶୋଚନା କରୁନାହିଁ ତାହା ପରିହାର୍ଯ୍ୟ । ଏହାର କୁ-ପରିଣାମ ପ୍ରତି ମଧ୍ୟ ଦୃଷ୍ଟି ଦେବା କଥା । ଅର୍ଥ ସମସ୍ତ ଅନର୍ଥର କାରଣ । ଅର୍ଥ ଉପାର୍ଜନରେ ପରିଶ୍ରମ କରିବା ଦୁଃଖ, ନାଶରେ ଅନୁତାପ, ଅର୍ଥରକ୍ଷା କରିବାରେ ଚଉର ଅସ୍ଥିରତା ଓ ବୃଦ୍ଧିରେ ମୋହଜାତ କରାଇ ଆମକୁ ଅଶାନ୍ତ ରଖେ । ଏହିପରି କେଉଁ ସମୟରେ ହେଲେ ମଧ୍ୟ ଅର୍ଥ, ସୁଖ ନ ଦେବା ବିଷୟ ଶାସ୍ତ୍ରରେ କୁହାଯାଏ । ଆମେ ଯେତେ ଧନସଂଗ୍ରହ କଲେ ମଧ୍ୟ ଆହୁରି ଆହୁରି ପାଇବା ଇଚ୍ଛା କରୁ । କୁମାର୍ଗରେ ମଧ୍ୟ ଅର୍ଥ ସଂଗ୍ରହରେ ଲାଗିପଡ଼ୁ । ଅନ୍ୟମାନଙ୍କର ଧନସମ୍ପତ୍ତି ଦେଖି ଈର୍ଷାନ୍ୱିତ ହେଉ । ଧନ ଶାନ୍ତି ଦେଇପାରେ ନାହିଁ । ମନରେ ଅର୍ଥ ନାଶର ଭୟ ଜାତହୁଏ । ଏପରିକି ଆତ୍ମବତ୍ ନିଜ ପୁତ୍ରଠାରେ ମଧ୍ୟ ଅବିଶ୍ୱାସ ଏବଂ ଭୟ ରହେ । ଲୋଭ ଏବଂ ଭୟଦ୍ୱାରା ଆମର ବ୍ୟକ୍ତିତ୍ୱ ନଷ୍ଟହୁଏ । ଆମେ ଅନ୍ୟ କୌଣସି ସତ୍ ଚିନ୍ତା କରିପାରୁ ନାହୁଁ ।

ଆଧ୍ୟାତ୍ମିକ ପ୍ରଗତିରେ ଏହି ଅର୍ଥ ଭାବନା ବାଧା ସୃଷ୍ଟି କରେ । ଅର୍ଥ ଉପାର୍ଜନ ଯେ ଜୀବନର କେବଳ ଲକ୍ଷ୍ୟ, ମନେ ନ କରି ଏହା ଜୀବନରେ ଚଳିବାର ମାଧ୍ୟମମାତ୍ର ଜ୍ଞାନ କରିବା ଉଚିତ । ଆମେ ଅର୍ଥର ଦାସ ନ ହୋଇ ଅର୍ଥ ଆମର ଦାସ, ଭାବନା ଆବଶ୍ୟକ । ଅର୍ଥ ସଂଗ୍ରହର ଲାଳସା ସମସ୍ତ ଦୁଃଖର କାରଣ ହୁଏ । ତେଣୁ ହେ ମୂଢ଼ ! ଅର୍ଥରୁ ସୁଖ ପ୍ରାପ୍ତିର ଆଶା ତ୍ୟାଗକରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ପ୍ରାଣାୟାମଂ ପ୍ରତ୍ୟାହାରଂ
ନିତ୍ୟାନିତ୍ୟବିବେକବିଚାରମ୍ ।
ଜାପ୍ୟସମେତସମାଧିବିଧାନଂ
କୁର୍ବବଧାନଂ ମହଦବଧାନମ୍ ॥୩୦॥
(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ… …)

ପ୍ରାଣାୟାମ, ପ୍ରତ୍ୟାହାର, ନିତ୍ୟ ଓ ଅନିତ୍ୟ ବସ୍ତୁର ବିବେକ ପୂର୍ବକ ବିଚାର ଏବଂ ଜପ ସହିତ ସମାଧି ଅବସ୍ଥା ଲାଭ ଅଭ୍ୟାସ କରିବା ଉଚିତ । ଯତ୍ନ ସହିତ ବିଶେଷ ସାବଧାନ ହୋଇ ଏହି ମହତ୍ତ୍ୱ କାର୍ଯ୍ୟରେ ବ୍ରତୀ ହେବା ଆବଶ୍ୟକ ।

ବ୍ୟାଖ୍ୟା—ପୂର୍ବ ପରିଚ୍ଛେଦମାନଙ୍କରେ ବହିରଙ୍ଗ ସାଧନା ବିଷୟ କହି ଏହି ପରିଚ୍ଛେଦରେ ଶଙ୍କରାଚାର୍ଯ୍ୟ ଅନ୍ତରଙ୍ଗ ସାଧନା ବିଷୟର ସୂଚନା ଦେଉଅଛନ୍ତି । ପ୍ରାଣାୟାମ, ପ୍ରତ୍ୟାହାର, ନିତ୍ୟ ଓ ଅନିତ୍ୟ ବସ୍ତୁର ବିଚାର, ଜପ ଏବଂ ସମାଧି ଅବସ୍ଥା ପ୍ରାପ୍ତି ଇତ୍ୟାଦି ଅନ୍ତରଙ୍ଗ ସାଧନାର ବିଷୟ ।

ପ୍ରାଣାୟାମ ଅଭ୍ୟାସ ଦ୍ୱାରା ପ୍ରାଣକ୍ରିୟାକୁ ଆୟତ୍ତ କରିହୁଏ । ପୂରକ, କୁମ୍ଭକ ଓ ରେଚକ ପ୍ରଣାଳୀରେ ଏହା ଅଭ୍ୟାସ କରାଯାଏ । ସାମାନ୍ୟ ପରିମାଣରେ ଆରମ୍ଭ କରି କ୍ରମେ କ୍ରମେ ସମୟ ସୀମା ବଢ଼ାଯାଇପାରେ । ପ୍ରାଣାୟାମ ଅଭ୍ୟାସ ଦ୍ୱାରା ଅଭ୍ୟନ୍ତରର ଶକ୍ତି ବୃଦ୍ଧି ହୁଏ । ଇନ୍ଦ୍ରିୟ ନିଗ୍ରହକୁ ପ୍ରତ୍ୟାହାର କୁହାଯାଏ । ଯମ, ନିୟମ, ଆସନ, ପ୍ରାଣାୟାମ ପରେ ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗର ଏହା ପଞ୍ଚମ ସୋପାନ । ମନ ସହିତ ଆମର ଇନ୍ଦ୍ରିୟଗୁଡ଼ିକ ସଂସାରର ବିଷୟ ଭୋଗପ୍ରତି ଆକର୍ଷିତ ହୋଇ ଗତିକରନ୍ତି । କୂର୍ମ ଯେପରି କୌଣସି ଆଘାତ ପାଇଲେ ତାହାର ଅଙ୍ଗଗୁଡ଼ିକୁ ନିଜର ଖୋଲପା ଭିତରକୁ ଟାଣିଆଣେ ସେହିପରି ବହିର୍ମୁଖୀ ଇନ୍ଦ୍ରିୟମାନଙ୍କୁ ଅନ୍ତର୍ମୁଖୀ କରାଇବା ପ୍ରକ୍ରିୟା ହେଉଛି 'ପ୍ରତ୍ୟାହାର' । ଏଥିପାଇଁ ବିବେକ ଆବଶ୍ୟକ । ନିତ୍ୟ ଏବଂ ଅନିତ୍ୟ ବସ୍ତୁର ବିଚାରକୁ ବିବେକ କୁହାଯାଏ । ଏହା ସତ୍ ଏବଂ ଅସତ୍ ବସ୍ତୁର ପୃଥକୀକରଣ ଜ୍ଞାନ । ବ୍ରହ୍ମ ବା ଆତ୍ମା କେବଳ ସତ୍ ଏବଂ ଅନ୍ୟ ସବୁ ଅସତ୍ । ସାତ୍ତ୍ୱିକ ଧୃତି (ଧୈର୍ଯ୍ୟ) ଦ୍ୱାରା ମନ ଏବଂ ପ୍ରାଣେନ୍ଦ୍ରିୟର କ୍ରିୟାକୁ ଧାରଣ କରି ଇନ୍ଦ୍ରିୟମାନଙ୍କୁ ଅନ୍ତର୍ମୁଖୀ କରିବାର ଅଭ୍ୟାସ କରିବାକୁ ପଡ଼େ । ଅନ୍ତଃକରଣର ନିଶ୍ଚୟାତ୍ମିକା ଶକ୍ତିକୁ 'ବୁଦ୍ଧି' କୁହାଯାଏ । ବୁଦ୍ଧିରେ ସୂକ୍ଷ୍ମ ବିଚାର ଜାତ କରାଇ ଠିକ୍ ମାର୍ଗରେ ଚାଳିତ କରାଇବା ପାଇଁ ଜପର ଆବଶ୍ୟକତା । ବୁଦ୍ଧିରୁ ବିଚାର ଶକ୍ତି ଜାଗ୍ରତ ହୋଇ ଆମେ ନିତ୍ୟାନିତ୍ୟ ବସ୍ତୁର ଜ୍ଞାନ କରୁ ।

ବହିର୍ମୁଖୀ ଇନ୍ଦ୍ରିୟମାନଙ୍କୁ ଅନ୍ତର୍ମୁଖୀ କରାଇ ଚିତ୍ତକୁ ଏକାଗ୍ର କରିବାର ଚେଷ୍ଟା ହେଉଛି ସାଧନା । ସାଧନାକୁ ଫଳପ୍ରଦ ଏବଂ ସ୍ଥାୟୀ କରାଇବାପାଇଁ ଜପ ଓ ଧ୍ୟାନ ଆବଶ୍ୟକ । ଆସନରେ ବସି ଭଗବାନଙ୍କ ରୂପଚିନ୍ତନକୁ ଧ୍ୟାନ କୁହାଯାଇପାରେ । ଧ୍ୟାନ ସମୟରେ ଯେ କୌଣସି ଇଷ୍ଟମନ୍ତ୍ର ଜପ କରାଯାଇପାରେ । ବିଭିନ୍ନ ପ୍ରକାର ଯଜ୍ଞ ମଧ୍ୟରେ ଜପ ଯଜ୍ଞକୁ ଶ୍ରେଷ୍ଠବୋଲି ଭଗବାନ ଗୀତାରେ କହିଅଛନ୍ତି । ଜପ ଏବଂ ଧ୍ୟାନରୁ ଆମେ ସମାଧି ଅବସ୍ଥାରେ ପହଞ୍ଚୁ । ଏହା ଚିତ୍ତର ସ୍ଥିର ଅବସ୍ଥା । ଏହି ଅବସ୍ଥାରେ ଅନ୍ୟ କୌଣସି ଭାବନା ରହେନାହିଁ । ଆମେ କେବଳ ସୁଖ ସ୍ୱରୂପ ଆନନ୍ଦ ଅନୁଭବ କରୁ ।

ଏହି ସମସ୍ତ ପ୍ରକ୍ରିୟା ଧୀରେ ଧୀରେ ଅଭ୍ୟାସ କରାଯାଏ । ମଞ୍ଜିରୁ ଗଛ, ଫୁଲକଢ଼ିରୁ ଫୁଲ, ଅଣ୍ଡାରୁ ପକ୍ଷୀ ଶାବକ ନିର୍ଗତ ହେବାପାଇଁ ଅପେକ୍ଷା କରିବାକୁ ପଡ଼େ । ତାହା ଆପେ ଆପେ ହୁଏ । ଏହା ପ୍ରକୃତିର ନିୟମ । ସେହିପରି ଯୋଗାଭ୍ୟାସରେ ତରବର ହେଲେ ଫଲପ୍ରଦ ହୁଏନାହିଁ । ଅପେକ୍ଷା କରିବାକୁ ପଡ଼େ । ମନରେ ପରିବର୍ତ୍ତନ ନ ଆଣି ଏହି ସବୁର ଅଭ୍ୟାସ ଭଲ ପ୍ରଭାବ ପକାଏ ନାହିଁ । କର୍ମେନ୍ଦ୍ରିୟମାନଙ୍କୁ ସଂଯମ କରି ବିଷୟ ତୃଷ୍ଣ ମନରେ ଭାବିବାକୁ ଗୀତାରେ 'ମିଥ୍ୟାଚାର' କୁହାଯାଇଅଛି । ମାନସିକ, ଶାରୀରିକ ଏବଂ ବୁଦ୍ଧି ସ୍ତରରେ ଧୈର୍ଯ୍ୟର ସହିତ ଧୀରେ ଧୀରେ ଅଭ୍ୟାସକରି ଉପରକୁ ଉଠିବାକୁ ହୁଏ । ବିଶେଷ ସାବଧାନ ହୋଇ ଏହି ସମସ୍ତ ମହତ୍ କାର୍ଯ୍ୟରେ ବ୍ରତୀହେବା ବିଷୟ କୁହାଯାଉଅଛି । ତେଣୁ ହେ ମୂଢ଼ ! ପ୍ରାଣାୟାମ, ପ୍ରତ୍ୟାହାର, ନିତ୍ୟ ନିତ୍ୟବସ୍ତୁର ବିବେକ, ଜପ, ଧ୍ୟାନ ଏବଂ ସମାଧି ଅବସ୍ଥା ପ୍ରାପ୍ତି ପାଇଁ ଅଭ୍ୟାସ, ଅତି ସାବଧାନ ପୂର୍ବକ କରି ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ଅଷ୍ଟକୁଲାଚଲସପ୍ତସମୁଦ୍ରା
ବ୍ରହ୍ମପୁରନ୍ଦରଦିନକରରୁଦ୍ରାଃ
ନ ତ୍ୱଂ ନାହଂ ନାୟଂ ଲୋକ-
ସ୍ତଦପି କିମର୍ଥଂ କ୍ରିୟତେ ଶୋକଃ ॥୩୧॥

(ଭଜ-ଗୋବିନ୍ଦଂ ଭଜ ଗୋବିନ୍ଦଂ... ...)

ଅଷ୍ଟକୁଲାଚଲ, ସପ୍ତସାଗର, ବ୍ରହ୍ମ, ଇନ୍ଦ୍ର, ସୂର୍ଯ୍ୟ, ରୁଦ୍ର, ତୁମ୍ଭେ, ଆମ୍ଭେ ଏ ଲୋକ କେହିହେଲେ ନିତ୍ୟ ନୁହନ୍ତି । ତେବେ କାହାପାଇଁ ଏବଂ କାହିଁକି ବୃଥା ଶୋକ କରୁଅଛ ?

ବ୍ୟାଖ୍ୟା—ସଂସାରର ସମସ୍ତ ବିଷୟ ଅନିତ୍ୟ । ଜନ୍ମ-ମୃତ୍ୟୁ ଚକ୍ର ଚାଲିଅଛି । ଏପରିକି ଆଠ କୁଲପର୍ବତ, ସପ୍ତ ମହାସାଗର, ସୃଷ୍ଟିକର୍ତ୍ତା ବ୍ରହ୍ମା, ଦେବତାମାନଙ୍କର ରାଜା ଇନ୍ଦ୍ର, ଜଗତର କାରକ ସୂର୍ଯ୍ୟ, ବିନାଶ କର୍ତ୍ତା ରୁଦ୍ର କେହିହେଲେ ନିତ୍ୟ ନୁହନ୍ତି । ଏମାନେ ମଧ୍ୟ ବିନାଶଶୀଳ । ସୃଷ୍ଟି ପ୍ରକ୍ରିୟା ବାରମ୍ବାର ଚାଲେ । ଏପରିକି ବିଷ୍ଣୁ ଅବତାର ରାମ ଓ କୃଷ୍ଣଙ୍କର ମଧ୍ୟ ଜନ୍ମ-ମରଣ ଦିବ୍ୟ (ଅଲୌକିକ) ଢଙ୍ଗରେ ହୋଇଅଛି । ଜଗତର ନିତ୍ୟତା ନାହିଁ । ଏହିପରି ଯେତେବେଳେ ସବୁ ଅନିତ୍ୟ ତୁମେ ଓ ମୁଁର ନିତ୍ୟତା ବିଷୟ କିପରି ଚିନ୍ତା କରାଯାଇପାରେ !

ମୂଢ଼ ମାନବ ସତେ ଯେପରି ସ୍ଥାୟୀ ଭାବେ ରହିବା ଭାବନାରେ ଭୋଗ-ସାମଗ୍ରୀ ସଂଗ୍ରହ କରିବାରେ ଲାଗିପଡ଼ନ୍ତି । ଅର୍ଥ ସଂଗ୍ରହର ଲଲସା ବଲବତ୍ତର ରହେ । ଭାବି ପାରନ୍ତି ନାହିଁ ଯେ, ଏହି ସଂସାରରେ ତାହାଙ୍କର ସ୍ଥିତି କେତେ ଦିନ ! ପ୍ରତି ମୁହୂର୍ତ୍ତରେ ବିନାଶ ଚାଲିଥିବା ଦେଖି ମଧ୍ୟ ଆମର ବୈରାଗ୍ୟ ଆସେ ନାହିଁ । ଦେହକୁ ସର୍ବସ୍ୱ ମନେକରି ଭୋଗ ଲଲସାରେ ମାତିଉଠୁ । ଭୋଗ ବସ୍ତୁର ଅଭାବରେ ମନ ଅଥୟ ହୁଏ । କେତେବେଳେ ହେଲେ ଶାଶ୍ୱତ ଚିନ୍ତା ମନକୁ ଆସେ ନାହିଁ । ଦେହସର୍ବସ୍ୱ ଜ୍ଞାନରେ ଘାଣ୍ଟି ହୋଇ ଆତ୍ମଚେତନା ଜାଗ୍ରତ ହୁଏ ନାହିଁ । ତେଣୁ ହେ ମୂଢ଼ ସଂସାରର ଅନିତ୍ୟତା ଜ୍ଞାନ କରି ଶୋକ ତ୍ୟାଗ କର ଏବଂ ସର୍ବଦା ପରମାତ୍ମାଙ୍କଠାରେ ମନ ରଖି ଆନନ୍ଦ ମନରେ ଗୋବିନ୍ଦଙ୍କ ଭଜନ କର ।

ଗୁରୁଚରଣାମ୍ବୁଜନିର୍ଭରଭକ୍ତଃ
ସଂସାରାଦଚିରାଦ୍ଭବ ମୁକ୍ତଃ ।
ସେନ୍ଦ୍ରିୟମାନସନିୟମାଦେବଂ
ଦ୍ରକ୍ଷ୍ୟସି ନିଜହୃଦୟସ୍ଥଂଦେବମ୍ ॥ ୩୨ ॥

(ଭଜ-ଗୋବିନ୍ଦଂ ଭଜ-ଗୋବିନ୍ଦଂ ... ...)

ଗୁରୁଦେବଙ୍କ ଚରଣକମଲରେ ଅନନ୍ୟଭକ୍ତ ହୋଇ ସଂସାରରୁ ଶୀଘ୍ର ମୁକ୍ତ ହୋଇଯାଅ । ଇନ୍ଦ୍ରିୟମାନଙ୍କ ସହିତ ମନକୁ ସଂଯମ କରି ନିଜର ହୃଦସ୍ଥିତ ଦେବତାଙ୍କୁ ଦେଖ ।

ବ୍ୟାଖ୍ୟା—ଗୁରୁ, ବ୍ରହ୍ମ ସ୍ୱରୂପ । ସେ ହେଉଛନ୍ତି ମୋକ୍ଷମାର୍ଗର ପ୍ରଦର୍ଶକ । ଶ୍ରଦ୍ଧା ଏବଂ ବିଶ୍ୱାସ ନଥିଲେ ଆମର ପ୍ରଗତି ଅସମ୍ଭବ । ଶୀଘ୍ର ମୁକ୍ତି ଲାଭ ପାଇଁ ଭକ୍ତିମାର୍ଗ କେବଲ ସରଲ ଓ ସହଜ । କିନ୍ତୁ ଅନନ୍ୟ ଭକ୍ତିଭାବ ଆବଶ୍ୟକ । ବାହାରେ ଭକ୍ତି ପ୍ରଦର୍ଶନ କରାଇ ମନରେ ଅନ୍ୟ ବିଷୟ ଚିନ୍ତା କରିବା ମାରାତ୍ମକ । ଏହା ଅନନ୍ୟ ଭକ୍ତି ନୁହେଁ । ସମସ୍ତ ବିଷୟରୁ ମନକୁ ହଟାଇ ଗୁରୁଙ୍କ ଚରଣରେ କେବଲ ଆଶ୍ରୟ ନେବା ଆବଶ୍ୟକ । ଏକମାତ୍ର ଭଗବାନଙ୍କ ଶରଣାଗତ ହେଲେ ଆମେ ମୁକ୍ତି ପାଇପାରିବା ।

ଯେଉଁ ଭଗବାନଙ୍କ ଚିନ୍ତା କରୁଅଛେ ସେ ଆମର ହୃଦୟକମଲରେ ଅଛନ୍ତି । ଆମର ହୃଦୟକମଲରେ ଭଗବାନଙ୍କ ରୂପ ଆମକୁ ଦେଖାଯାଉନାହିଁ, ଯେହେତୁ ଆମର ମନ ଏବଂ ଇନ୍ଦ୍ରିୟସମୂହ ବହିର୍ମୁଖୀ । ଇନ୍ଦ୍ରିୟମାନଙ୍କସହ ମନକୁ ସଂଯମ କରିବା

ଆବଶ୍ୟକ । ବାହାର ଜଗତର ବିଷୟସୁଖରୁ ମନକୁ ହଟାଇ ଅନ୍ତର୍ମୁଖୀ କରିବାକୁ ହେବ । ଏଥିପାଇଁ ନିଜର ସାଧନା ଏବଂ ଗୁରୁଙ୍କ କୃପା ଆବଶ୍ୟକ । ଅନ୍ତଃକରଣକୁ ପବିତ୍ର କରି ସର୍ବଦା ଭଗବାନଙ୍କ ଚିନ୍ତାକଲେ ଏହା ସମ୍ଭବ ହେବ ।

ଶ୍ରୀ ଶଙ୍କରାଚାର୍ଯ୍ୟ ଶିଷ୍ୟମାନଙ୍କୁ ଆଶୀର୍ବାଦ ଏବଂ ଉପଦେଶ ଛଳରେ ଏହି ଶ୍ଲୋକ ଆବୃତ୍ତି କରିଅଛନ୍ତି । ଶିଷ୍ୟମାନଙ୍କୁ ଆଶୀର୍ବାଦ ଦେବା ଛଳରେ ନିଜ ଗୁରୁଙ୍କଠାରୁ ମଧ୍ୟ ଆଶୀର୍ବାଦ ଗ୍ରହଣ କରିବା ବିଷୟ ସମ୍ମିଳିତ ହୋଇଛି । ଶଙ୍କରାଚାର୍ଯ୍ୟଙ୍କ ଗୁରୁଥିଲେ ଶ୍ରୀ ଗୋବିନ୍ଦାଚାର୍ଯ୍ୟ । ଏହି ପରିଚ୍ଛେଦ ଦ୍ୱାରା ଶଙ୍କରାଚାର୍ଯ୍ୟ, ନିଜ ଗୁରୁଙ୍କୁ ମଧ୍ୟ ସ୍ମରଣ କରିବା ପରିଲକ୍ଷିତ ହୁଏ । ଗୁରୁ ଏବଂ ଭଗବାନ୍ ଅଭେଦ ସ୍ୱରୂପ ଅଟନ୍ତି । ତେଣୁ ହେ ମୂଢ଼ ! ମନ ଏବଂ ଇନ୍ଦ୍ରିୟଗ୍ରାମକୁ ସଂଯମ କରି ଗୁରୁଙ୍କ ଚରଣରେ ଆଶ୍ରୟ ନିଅ ଏବଂ ସର୍ବଦା ଗୋବିନ୍ଦଙ୍କ ଭଜନ କର ।

ଆତ୍ମତତ୍ତ୍ୱର ଧାରଣା ପାଇଁ ଲେଖକଙ୍କ ଅନୁବାଦ ଓ ବ୍ୟାଖ୍ୟା ସହ ପ୍ରକାଶିତ ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ କୃତ 'ତତ୍ତ୍ୱବୋଧ' ପଠନୀୟ ।